ନାଟକ ରୀତିମତ

ନାଟ୍ୟକାର : ରାମଚନ୍ଦ୍ର ମିଶ୍ର

ବୁକ୍‌ସ୍ ଏଣ୍ଡ୍ ବୁକ୍‌ସ୍
ବିନୋଦ ବିହାରୀ, କଟକ-୨.

Digitized by srujanika@gmail.com

ନାଟକୀ ରୀତିମତ

ଲେଖକ : ଶ୍ରୀ ରାମଚନ୍ଦ୍ର ମିଶ୍ର (ନାଟ୍ୟକାର)

ପ୍ରକାଶକ : କୃଷ୍ଣଚନ୍ଦ୍ର ବେହେରା
ବୁକ୍ସ ଆଣ୍ଡ ବୁକ୍ସ
ବିନୋଦ ବିହାରୀ, କଟକ-୨

ପ୍ରଚ୍ଛଦ ଶିଳ୍ପୀ : ଅନନ୍ତ ପାଣ୍ଡେ

ପ୍ରଥମ ମୁଦ୍ରଣ : ୧୯୮୧
ଦ୍ୱିତୀୟ ମୁଦ୍ରଣ : ୧୯୮୫

ମୁଦ୍ରାକର : ମେଘମାଳା ପ୍ରିଣ୍ଟର୍ସ
କଟକ-୧

ମୂଲ୍ୟ : ସାତଟଙ୍କା ମାତ୍ର

Digitized by srujanika@gmail.com

—ନାଟକ ଲେଖାର କଥା—

୧୯୫୭ ମସିହାର ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜରେ ନାଟ୍ୟ-ସଂସଦର ସେକ୍ରେଟାରୀ ଦାୟିତ୍ୱ ନେଇଥାନ୍ତି ଶ୍ରୀମାନ୍ ଜଗତ ମୋହନ ସୁବୁଦ୍ଧି (ବର୍ତ୍ତମାନ ଆମେରିକାବାସୀ ଡାକ୍ତର ଜଗତ ମୋହନ ସୁବୁଦ୍ଧି F. R. C. S). ସେ ଯେ କେବଳ ଗାଁ ପିଲା ତାନୁହେଁ, ସେ ଏକପ୍ରକାର ଘରପିଲା । ତାଙ୍କ ପରିବାର ସହିତ ଆମ ପରିବାରର ସମ୍ପର୍କ ବେଶ୍ ଭଲ । ସେହି ଦାବୀ ନେଇ ଶ୍ରୀମାନ୍ ଜଗତ ଜୋର୍ କଲେ ଗୋଟିଏ ନାଟକ ଲେଖିଦେବାକୁ ତାଙ୍କ କଲେଜପାଇଁ । ସେତେବେଳେ ମୋର ଖଇଖଉଜ ନାଟକ ଲେଖା ଚାଲି-ଥାଏ । ମୋ ବହୁତ ଏଡ଼ାଇ ନପାରି ତାଙ୍କ କଥାରେ ହଁ ଭରିଲି । ତାଙ୍କ କଲେଜର ପୂର୍ବ ପରମ୍ପରାକୁ ସେ ଖର୍ଚ୍ଚିବାକୁ ବସିଛନ୍ତି । ଥିଏଟର କରିବାରେ ରାମଚନ୍ଦ୍ର ମେଡ଼ିକାଲ କଲେଜର ବଡ଼ ଉଚ୍ଚ ପରମ୍ପରା ଥାଏ । କଲିକତାରୁ ସବୁ ସମୟରେ ଦୃଶ୍ୟସଜ୍ଜା, ରୂପସଜ୍ଜା ଓ ଆଲୋକ ପରିଚାଳନାପାଇଁ ଅଭିଜ୍ଞ ଲୋକ ଆସନ୍ତି, ବେଶ୍ ପଇସା ଖର୍ଚ୍ଚ ହୁଏ । କୌଣସି ପୌରାଣିକ କମ୍ବା ଐତିହାସିକ ନାଟକ ମଞ୍ଚସ୍ଥ ହୁଏ । ଖୁବ୍ ଜାକଜମକରେ ନାଟକ ମଞ୍ଚସ୍ଥ ହୁଏ କିନ୍ତୁ ସେ ସମୟକୁ ଓଡ଼ିଶାର ପେସାଦାରୀ ରଙ୍ଗମଞ୍ଚଗୁଡ଼ିକର ନାଟକ ଦର୍ଶକମାନଙ୍କ ମନକୁ ଖୁବ୍ ଆକୃଷ୍ଟ କରିଥାଏ । ଅନ୍ୟଭାଷାରୁ ରୂପାନ୍ତରିତ ନାଟକ ପ୍ରତି ଟିକିଏ ବିତୃଷ୍ଣା ଜନ୍ମିଥାଏ । ପେଷାଦାରୀ ରଙ୍ଗମଞ୍ଚରେ ଅଭିନୀତ ନାଟକଗୁଡ଼ିକ ମୁଖ୍ୟତଃ ସାମାଜିକ ନାଟକ । ବାସ୍ତବଧର୍ମୀ ନାଟକଗୁଡ଼ିକପ୍ରତି ଶିକ୍ଷିତ ସମାଜର ଆକର୍ଷଣ ବୃଦ୍ଧି ପାଇଥାଏ । ସେଥିପାଇଁ ଡାକ୍ତରୀ ଛାତ୍ରମାନେ ନିଷ୍ପତ୍ତି କରିଥାନ୍ତି ସେହି ବର୍ଷ ଗୋଟିଏ ନୂତନ ନାଟକ ମଞ୍ଚସ୍ଥ କରିବେ । ସେହି ନାଟକ ଲେଖେଇ ନେବାର ଦାୟିତ୍ୱ ନେଇଥାନ୍ତି ଶ୍ରୀମାନ ସୁବୁଦ୍ଧି । ହଁ କରିଦେଲି ପରଠାରୁ ଶ୍ରୀମାନ୍ ସୁବୁଦ୍ଧି ଓ ତାଙ୍କର ବନ୍ଧୁ-ମାନଙ୍କର ଧାଡ଼ ଚାଲିଲା ପାଣ୍ଡୁଲିପିପାଇଁ । ଖଇଖଉଜର ଲେଖା ସରି ନଥାଏ । ଯୁବକମାନଙ୍କୁ କେତେ ବା ଭୁଲାଇବ । ଦିନେ ଶେଷ ଜବାବ ମିଳିଲା—କାଲି ଯଦି ପାଣ୍ଡୁଲିପି ନ ମିଳେ ଏବର୍ଷ ନାଟକ ବନ୍ଦ । କାଲି ପର୍ଯ୍ୟନ୍ତ ନିଶ୍ୱାସ ମିଳିଲା । ଖୋରାକ ମଧ୍ୟ ମିଳିଗଲା ।

Digitized by srujanika@gmail.com

ନାଟକ ବନ୍ଧ—କାହିଁକି ବନ୍ଧ ? ସ୍ୱେ କ'ଣ ନାଟକର ବିଷୟବସ୍ତୁ ହୋଇପାରେନା ? ତାପରେ ଊତ୍କଳ କଲେଜପାଇଁ ଡ଼ାକ୍ତର ବିଷୟ ଥିବା ଲେଖାଟିଏ ଭଲ ହୁଅନ୍ତା ଭାବି ତା-୧୨-୧୧-୫୭ ରାତ୍ର ସକାଳବେଳା ଅର୍ଦ୍ଧପୂର୍ଣ୍ଣ ଥିଏଟର ରିହାରସାଲ ପରେ, ଏହି ନାଟକ ଆରମ୍ଭ କଲି ଏବଂ ଏକା ନିଶ୍ୱାସରେ ପ୍ରାୟ ୨୦ ମିନିଟ୍ ସମୟ ଗଳ୍ପପରି କିଛିଟା ଲେଖା ହୋଇଗଲା । ମନରେ ସାହସ ଆସିଲା । ପ୍ରତିଦିନ ଦ୍'ପହରେ ଏହି ନାଟକ ଲେଖାହୁଏ—ସନ୍ଧ୍ୟାବେଳେ ଶ୍ରୀମାନ ସୁବୁଦ୍ଧି କମ୍ପା ତାଙ୍କର ବନ୍ଧୁ ଆସି ଯାହା ଲେଖା ହୋଇଥାଏ ତାକୁ ନେଇଯାନ୍ତି । ରାତି ଦଶଟାବେଳେ ରିହାଲସାଲ ହୁଏ ରାତି ବାରଟା ପର୍ଯ୍ୟନ୍ତ । ସାତଦିନରେ ବହି ଲେଖା ସରିଲା । ଦଶଦିନରେ ମଞ୍ଚସ୍ଥ ହେଲା । ମନରେ ଭୟ ଓ ଉତ୍କଣ୍ଠା । ସୌଖୀନ ରଙ୍ଗମଞ୍ଚରେ ଏହାପୂର୍ବରୁ ମୋର ନାଟକ ମଞ୍ଚସ୍ଥ ହୋଇନଥାଏ । ବ୍ୟବସାୟିକ ରଙ୍ଗମଞ୍ଚରେ କଳାକାରମାନଙ୍କ ନିଷ୍ଠା ତାଙ୍କ ଭିତରେ ରହିବ କି ନାହିଁ ? ତାପରେ ଏ ନାଟକଟି ହୋଇଗଲା ମୂଳରୁ ଶେଷ ପର୍ଯ୍ୟନ୍ତ ଗୋଟିଏ ଭିନ୍ନ ପ୍ରକାରର । ରଙ୍ଗମଞ୍ଚରେ ଅଭିନୟ ହୁଏ—ଅଭିନେତା ଓ ଅଭିନେତ୍ରୀ ସ୍ୱ ସ୍ୱ ଭୂମିକାରେ ଅଭିନୟ କରନ୍ତି । ଦର୍ଶକମାନେ ଦର୍ଶକ ମଞ୍ଚରେ ରହି ଅଭିନୟ ମାଧ୍ୟମରେ ରସ ଆସ୍ୱାଦନ କରନ୍ତି କିନ୍ତୁ ଏହି ନାଟକରେ ତାହା ନାହିଁ; ନାଟକ ମଞ୍ଚସ୍ଥ ହେବାରେ ବିଳମ୍ବ ପାଇଁ କୈଫିୟତ୍ ଦେଉଛନ୍ତି ସେକ୍ରେଟାରୀ, ଯଦିଓ ଦର୍ଶକମାନଙ୍କ ମଧ୍ୟରୁ ସେଥିରେ କେହି ଭାଗନେଇ ନାହାନ୍ତି ତଥାପି ଦର୍ଶକମାନଙ୍କ ଭାବାନୁରୂପ ଉତ୍ତର ପ୍ରତ୍ୟୁତ୍ତର ମାଧ୍ୟମରେ ନାଟକ ଗତିଶୀଳ । ଦର୍ଶକମାନେ ଏହି ନାଟକରେ ଏକ ମୁଖ୍ୟଭୂମିକା ଗ୍ରହଣ କରୁଛନ୍ତି । କୌଣସି କୌଣସି ନାଟକରେ ଏହାର ପରବର୍ତ୍ତୀ କାଳରେ ନାଟକ ଆରମ୍ଭ ବା ମଝିରେ ଦର୍ଶକମାନଙ୍କ ମଧ୍ୟରୁ କୌଣସି ଚରିତ୍ର ରଙ୍ଗମଞ୍ଚରେ ପ୍ରବେଶ କରିବା ବା ଦର୍ଶକମାନଙ୍କ ସହିତ କେବଳ କଥୋପକଥନ ହେବାର ଲକ୍ଷ୍ୟ କରାଯାଇଛି, କିନ୍ତୁ ଏହି ନାଟକରେ ମୂଳରୁ ଶେଷଯାଏ ଦର୍ଶକମାନଙ୍କ ସହିତ ପ୍ରତ୍ୟକ୍ଷ ସମ୍ପର୍କ ରଖାଯାଇଛି । ଏଥିରେ ଦେଖା ଯାଇଛି ଯେ ଦର୍ଶକମାନେ ଗୋଟିଏ ନାଟକର ଅପରିହାର୍ଯ୍ୟ ଅଙ୍ଗ । ଏହି ପରୀକ୍ଷାରେ

Digitized by srujanika@gmail.com

ସଫଳତା ଲାଭ କଲେ ପ୍ରଥମ ଅଭିନୟ ରଜନୀର ଶେଷରେ—ଯେତେବେଳେ ସମସ୍ତ ଦର୍ଶକ ଅବିଚଳିତ ଭାବେ ତାଙ୍କ ଆସନରେ ବସି ରହିଲେ, ତାପରେ 'ନାଟକ' ଦେଖିବାପାଇଁ ଏବଂ ଦର୍ଶକମାନଙ୍କ ମଧ୍ୟରୁ ସ୍ୱର୍ଗତ ଅଧ୍ୟାପକ ଜସ୍‌କୃଷ୍ଣ ମିଶ୍ର ପ୍ରଭୃତି ଅନ୍ତଃରାଳକୁ ଖବର ପଠାଇଲେ ପ୍ରକୃତ ନାଟକ ଆରମ୍ଭପାଇଁ ଆଉ କେତେ ସମୟ ଲାଗିବ ବୋଲି ।

ଏହି ନାଟକ ଲେଖା ଓ ମଞ୍ଚସ୍ଥ କରିବାରେ ଶ୍ରୀ ରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜର ଛାତ୍ର ଛାତ୍ରୀ ଓ ଅଧ୍ୟାପକମାନଙ୍କର ଯେଉଁ ଉତ୍ସାହ ତାହା ଭୁଲିବାର ନୁହେଁ । ବିଶେଷତଃ ବନ୍ଧୁ ପାର୍ଥ ରାଓ ଯେ କି ସ୍ୱତଃପ୍ରବୃତ୍ତ ହୋଇ ଏହି ନାଟକରେ ପ୍ରଫେସର ଭୂମିକାରେ ଅଭିନୟ କରିଥିଲେ ଏବଂ ମୋର ବଚନିକା ସହିତ ରୋଗୀର ମନସ୍ତତ୍ତ୍ୱ ବିଶ୍ଳେଷଣ କରି ଯେଉଁ ସଂକ୍ଷିପ୍ତ ଭାଷଣଟି ଦେଇଥିଲେ, ଦର୍ଶକମାନଙ୍କ ମଧ୍ୟରୁ ଅନେକ ଭୁଲି ଯାଇଥିଲେ ଯେ ସେମାନେ ନାଟକ ଦେଖୁଛନ୍ତି । ସେହି ଭାଷଣର ଉପାଦେୟ ଅଂଶ ସନ୍ନିବେଶିତ କରିବାର ଇଚ୍ଛା ଥିଲେ ମଧ୍ୟ ବନ୍ଧୁଙ୍କଠାରୁ ତାହା ନ ପାଇ ଦୁଃଖିତ ।

ତେଣୁ ଏ ଗୋଟିଏ ନାଟକ—ନାଟକ ଲେଖା ମଝିରେ ଲେଖାଗଲା । ଯେଉଁ ଅନୁଷ୍ଠାନ ଉଦ୍ଦେଶ୍ୟରେ ଲକ୍ଷିତ, ତାହାର ଅବହାଓ୍ୱା ସହିତ ବେଶ୍ ମେଳ ହୋଇପାରିଲା । ମେଡ଼ିକାଲ କଲେଜର ଛାତ୍ରଛାତ୍ରୀ ମିଳି ଏକତ୍ର ସେ ନାଟକ ପରିବେଷଣରେ ଏହା ପ୍ରଥମ । ଏମିତି କେତେଗୁଡ଼ାଏ ଦୃଷ୍ଟିରୁ ଏହା ଅନେକ ଦର୍ଶକ, ଅଭିନେତାମାନଙ୍କର ମନେ ପଡୁଥିଲା କାହିଁକି ବହି ଛପା ହେଉନାହିଁ ବୋଲି । ମୋତେ କୈଫିୟତ ଦେବାକୁ ପଡ଼ୁଛି । ଏହା ପରବର୍ତ୍ତି ସେହି ମେଡ଼ିକାଲ କଲେଜର ନାଟ୍ୟସଂସ୍ଥା ଅଭିନୟ କରିଥିବା ମୋର ନାଟକ 'ଅସ୍ତରାଗ'—ଗୋଧୂଳିଲଗ୍ନ' ନାମରେ ଛପା ହୋଇଗଲା । ମାତ୍ର ଏହି ନାଟକ ଖଣ୍ଡିକ ପଡ଼ି ରହିଲା । ସେତେବେଳେ ଏହି ନାଟକର କୌଣସି ନାମକରଣ କରା ନଯାଇ ରଖା ଯାଇଥିଲା 'ନାଟକ' । ଏହାଦ୍ୱାରା କେହି କେହି ଭାବିଲେ ଏହା ଏକ ଅନାମିକା ନାଟକ । ତେଣୁ ସେ ଦୋଷ କଟାଇବାକୁ ବର୍ତ୍ତମାନ ଏହାର ନାମକରଣ କରାଗଲା "ନାଟକ ଗ୍ରାହମତ" ।

Digitized by srujanika@gmail.com

ଯେଉଁମାନେ ଏହି ନାଟକ ପରିବେଷଣ କରିବାକୁ ଚାହାନ୍ତି ତାଙ୍କପାଇଁ ପଦେ—

ନାଟକ ମଧ୍ୟରେ ନାଚଗୀତ ରହିବାକୁ ଆଜିକାଲି ଅନେକ ଚାହାନ୍ତି ନାହିଁ, କିନ୍ତୁ ନାଚଗୀତ ନାଟକର ପରମ୍ପରାଗତ ଅଂଗ । ନାଟକର ଅଙ୍ଗହାନି ନକରି ନାଚଗୀତ ପରିବେଷଣ କରିବାକୁ ସ୍ଥାନ ନିର୍ଦ୍ଦେଶ କରାଯାଇଛି । ଯଦିବା, କି ନାଚ କି ଗୀତ ତାର ଉଲ୍ଲେଖ ନାହିଁ । କାରଣ ଅନେକ ସମୟରେ ଦେଖାଯାଏ ସୌଖୀନ ଦଳମାନେ ନାଟକ ପରିବେଷଣ କଲାବେଳେ ସେମାନଙ୍କର ନାଚଗୀତରେ ପାରଦର୍ଶିତା ପ୍ରଦର୍ଶନପୂର୍ବକ ବନ୍ଧୁମହଲରୁ ବାହାବା ଶୁଣିବାକୁ ଆକାଙ୍କ୍ଷା ପୋଷଣ କରିଥାନ୍ତି । ସେମାନେ ପାରଦର୍ଶିତା ଲାଭ କରିଥିବା ନାଚଗୀତ ପ୍ରଦର୍ଶନର ସୁଯୋଗ ଏହାଦ୍ୱାରା ପାଇ ପାରିବେ ।

ଦ୍ୱିତୀୟ କଥା ହେଲା, ଏହା ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ଉଦ୍ଦେଶ୍ୟରେ ଲେଖା ହୋଇଥିବାରୁ ମୂଳଲେଖା ଯାହା ଥିଲା ସେଥିରେ କିଛି ପରିବର୍ତ୍ତନ କରାଯାଇ ନାହିଁ । କିନ୍ତୁ ଅନ୍ୟ କୌଣସି ଅନୁଷ୍ଠାନ ତାହା ଅଭିନୟ କଲେ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ପରିବର୍ତ୍ତେ ନିଜ ଅନୁଷ୍ଠାନର ନାମ ଯୋଗ କରିବେ ଓ ତାହା ସହିତ ଆନୁସଙ୍ଗିକ ପରିବର୍ତ୍ତନ କରିପାରିବେ—ଯଥା ମେଡ଼ିକାଲ କଲେଜର ପ୍ରିନସିପାଲ ପରିବର୍ତ୍ତେ ଅନୁଷ୍ଠାନର ସଭାପତି, ସେକ୍ରେଟାରୀ, ଚେୟାରମାନ ଇତ୍ୟାଦି ପରିବର୍ତ୍ତନ କରାଯାଇପାରିବ ଏବଂ ଏ ପରିବର୍ତ୍ତନ ଅସ୍ୱାଭାବିକ ଜଣାଯିବ ନାହିଁ, କାରଣ ଆଜିକାଲି ପ୍ରତ୍ୟେକ ସଂସ୍ଥା ସହିତ ସେବାମୂଳକ କାର୍ଯ୍ୟ ସଂଯୋଗ କରାଯାଇଛି ।

ଏହି ନାଟକଟି ବହୁଦିନ ପରେ ପାଠକମାନଙ୍କ ହାତକୁ ଆସିବାକୁ ଯେଉଁମାନେ ଦାୟୀ ସେମାନଙ୍କୁ ମୋର ହୃଦୟର କୃତଜ୍ଞତା ଜଣାଉଛି ।

ଦାଶପଲ୍ଲା
ଡ଼ିସେମ୍ବର, ୧୯୮୦

ବିନୀତ
ଲେଖକ

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜରେ ୧୯୬୩ ମସିହାରେ
ଅଭିନୀତ 'ନାଟକ ସ୍ୱାଧୀନତା'ର କଳାକାରବୃନ୍ଦ :—

ସୁଚରିତା—ମିସ୍. ଜେ. ବେଗମ୍

ସାଧନା—ମିସ୍. ରାଜେଶ୍ୱରୀ ଦଳବେହେରା

ଆଶା—ମିସ୍. ଏସ୍. ନାୟକ

ସେକ୍ରେଟାରୀ—ଡଃ. ରାଧାନାଥ ରଥ

ଉଦୟ—ଶ୍ରୀ ଏସ୍. କେ. ଦାସ

ମ୍ୟାନେଜର—ଶ୍ରୀ ଜ. ପି ପଣ୍ଡା

ଡାକ୍ତର ରାୟ—ଡଃ. ଏସ୍. ରାୟ

ପ୍ରଫେସର—ଡଃ. ପାର୍ଥ ରାଓ

ଅଶୋକ—ଡଃ. ଆକୁଳାନନ୍ଦ ଷଡ଼ଙ୍ଗୀ

ତାନ୍ତ୍ରୀକ—ଶ୍ରୀ ପି. ସି. ସେନ୍‌ଗୁପ୍ତ

ଗୁଣିଆ—ଶ୍ରୀ ଏସ୍. ସି. ମିଶ୍ର

କବିରାଜ—ଶ୍ରୀ ଏସ୍. ଏନ୍. ମିଶ୍ର

ସଭାପତି—ଶ୍ରୀ ବି. କେ. ପଟ୍ଟନାୟକ

ନିର୍ଦ୍ଦେଶନା—ସାମୁଏଲ୍ ସାହୁ

Digitized by srujanika@gmail.com

ଚରିତ୍ରରେ :—

ପୁରୁଷ :

ସେକ୍ରେଟାରୀ

ମ୍ୟାନେଜର

ସଭ୍ରପତି

ଜଦସୁ

ଅଶୋକ

ବୈଦ୍ୟ ଶିରୋମଣି

ତାନ୍ତ୍ରିକ ପ୍ରଦବ୍ରଜ

ଯନ୍ତ୍ରୀ ଗୁଣିଆ ସିଂ

ମାନ୍ତ୍ରିକ ଦଣ୍ଡମନ୍ତ୍ରୀ

ପବନକୁମାର

ଡାକ୍ତର ବସୁ

ପ୍ରଫେସର

ସ୍ତ୍ରୀ :

ସୁଛନ୍ଦା

ଆଶା

ସାଧନା

Digitized by srujanika@gmail.com

ଦୃଶ୍ୟାରମ୍ଭ

□

[ରଙ୍ଗମଞ୍ଚରେ ନାଟକ ପ୍ରଦର୍ଶନର ସମସ୍ତ ଅତିବାହିତ ହୋଇଥିଲେ ମଧ୍ୟ ଦୃଶ୍ୟପଟ ଅପସାରିତ ହୋଇ ନ ଥାଏ । ଧନ ଧନ କରତାଳି ମଧ୍ୟରେ ଦୃଶ୍ୟପଟକୁ [illegible] ପ୍ରବେଶ କଲେ ସେକ୍ରେଟାରୀ ।]

ସେକ୍ରେଟାରୀ—ନମସ୍କାର । ବହୁତ ବିଳମ୍ବ ହେଲା । ଆମର ମୂଳ ପରିସର ବାହାରକୁ ଚାଲିଗଲା । ପୌରାଣିକ କିମ୍ବା ଐତିହାସିକ ବିଷୟବସ୍ତୁକୁ ଛାଡ଼ି, ଆମର ଡ୍ରାମାଟିକ୍ ସୋସାଇଟି ଇତିହାସ ସୃଷ୍ଟି କରିବାକୁ ଯାଉଥିଲା । ଆମ ଭାବନା ହେଲା ପ୍ରକାରେ, କାର୍ଯ୍ୟତଃ ହେଲା ଅନ୍ୟ ପ୍ରକାରେ । ସେଥିପାଇଁ ଆମର ଦୋଷାଦୋଷର ବିଚାର ଆପଣମାନଙ୍କ ଉପରେ ନିର୍ଭର କରେ । ପେଶାଦାରୀ ଦଳ ହୋଇଥିଲେ କଥା ନିଶ୍ଚୟ ଅଲଗା ହୋଇଥାନ୍ତା । ଏକେତ ସୌଖୀନ୍—ତାପରେ କେତେକ ବେକାରି ଯୁବକଯୁବତୀଙ୍କ ସୌଖୀନ୍ - ତା'ର ଉପରେ ଭରସା କରି ଏତେ ଦୂର ଆଗେଇଥିଲୁ । ଆପଣମାନଙ୍କ ପାଖକୁ ନିମନ୍ତ୍ରଣ ଦେବାର ସାହସ କରିଥିଲୁ । ଆପଣମାନେ ନିଶ୍ଚୟ ପୂର୍ବ ଆଶାପୋଷଣ କରି ଏଠାକୁ ଆସିଛନ୍ତି ।

Digitized by srujanika@gmail.com

ନିଶ୍ଚୟ ଜାକଜମକ ଥିବ—ନିଶ୍ଚୟ ଆଖି ଝଲସିଆ କିଛି ଦେଖିବାକୁ ମିଳିବ, କିଛି ନ ହେଲେ ଆମ କ୍ଲବର ପୂର୍ବ ସୁନାମ ବଜାୟ ରଖିଲା ଭଳି ନିଶ୍ଚୟ କିଛି ବ୍ୟବସ୍ଥା ଥିବ ।

ସବୁ ଥିଲା—ଓଡ଼ିଶାର କେତେକ ପ୍ରଖ୍ୟାତ ମଞ୍ଚଶିଳ୍ପୀ ଏଥିରେ ସହଯୋଗ କରିବାର କଥା । ତାପରେ ସୁଖର କଥା, ଆମର ଖାନଦାନୀ ପରିବାରର ଝିଅମାନେ ମଧ୍ୟ ଅଂଶ ଗ୍ରହଣ କରିବାକୁ ଆଗେଇ ଆସିଥିଲେ । ଆପଣମାନଙ୍କୁ ଆପଣମାନଙ୍କ ଆସନ ଯାଏଁ ପାଗ୍ଲେଟି ଆଣିଲା ପର୍ଯ୍ୟନ୍ତ ଆପଣମାନେ କିଛି ବ୍ୟତିକ୍ରମ ଦେଖିପାରି ନଥିବେ । ରଙ୍ଗମଞ୍ଚର ଅଭ୍ୟନ୍ତରରୁ ପ୍ରଥମ ଘଣ୍ଟି, ଦ୍ୱିତୀୟ ଘଣ୍ଟି ବାଜିଲା ପର୍ଯ୍ୟନ୍ତ ମଧ୍ୟ ସେ ସାହସ ମୁଁ ହରାଇ ନ ଥିଲି । କିନ୍ତୁ ବର୍ତ୍ତମାନ ସେ ଦମ୍ଭ ମୋର ନାହିଁ । ସେ ସାହସ ମୋର ହଜିଯାଇଛି । କେବଳ ଆପଣମାନଙ୍କଠାରେ କ୍ଷମା ପ୍ରାର୍ଥନା ଜଣାଇବା ଛଡ଼ା ଉପାୟ ନାହିଁ । ଯଦି ଏପରି ଦୁର୍ଘଟଣାର ସୂଚନା ଆମେ ପୂର୍ବରୁ ପାଇଥାନ୍ତୁ ତାହାହେଲେ ଆପଣମାନଙ୍କର ବିରକ୍ତି ଭାଜନ ହେବାକୁ କେବେ ମନ ବଳାଇ ନ ଥାନ୍ତୁ ।

ଦୁର୍ଘଟଣା ମାନେ, ଦୁର୍ଘଟଣା ଛଡ଼ା ଏହାକୁ ଆଉ କିଛି କହି ହେବନି—ତା' ପୁଣି ଏକେ ହଠାତ୍, ମାନେ Sudden, ମାନେ very sudden, ମାନେ ଚକ୍ଷୁର ନିଳଜପାତଠାରୁ ଆହୁରି ଦ୍ରୁତ, ମାନେ ଆଷାଢ଼

Digitized by srujanika@gmail.com

ଆକାଶରେ ଚପଳା ଗଡଠାରୁ ଚଞ୍ଚଳ, ମାନେ ସହସା ନିର୍ମଳ ଆକାଶରୁ ଏପରି ବଜ୍ରପାତ ହେବ । ବିଶେଷତଃ ଆମର ଅନୁଷ୍ଠାନ ଉପରେ, ଏ ପ୍ରକାର ମଧୁମୟ ସନ୍ଧ୍ୟାରେ ତାହା କେବଳ ମୋର ଏକା କାହିଁକି, ଆମର ଅନୁଷ୍ଠାନର ପ୍ରତ୍ୟେକ ସଭ୍ୟ କେବଳ ନୁହେଁ, ଆପଣ-ମାନେ ଶୁଣିଲେ ମଧ୍ୟ ବିସ୍ମିତ ହେବେ ।

ଅବଶ୍ୟ ଆପଣମାନେ ସ୍ଥିରବୁଦ୍ଧି ଧୀର ଚିତ୍ତରେ ଯଦି ଅନୁକୂଳ ଭାବାପନ୍ନ ହୋଇ ବିଚାର କରିବେ, ନିଶ୍ଚୟ ମୋ ସହିତ ଏକମତ ହେବେ । ଦୁନିଆରେ ଯେତେ ସବୁ ଦୁର୍ଘଟଣା, ଦୁର୍ବିପାକ ଦୁର୍ବିସହ, ଦୁଃସମ୍ବାଦ, ଦୁଃଖ, ଦୈନ୍ୟ ସବୁକୁ "ଧୂ" କରିବା ଭଳିଆ ଆମର ଏ ଯେଉଁ ଅନୁଷ୍ଠାନ —ତା'ର ଗ୍ରହଗ୍ରହୀମାନଙ୍କର ଏ ଯେଉଁ ଶୁଭସନ୍ଧ୍ୟାର ଆୟୋଜନ ହୋଇଥିଲା ସବୁ ଚୂରମାର କରିଦେଲା ଜନତା ଏକ୍ସପ୍ରେସ୍—ସେ ତ ଯାହା ଚୂରମାର ହେଉଛି, ତା'ର ଖବର ନେଇ ବଡ଼ ବଡ଼ ଅକ୍ଷରରେ ଖବର କାଗଜ ପୃଷ୍ଠାରେ ସ୍ଥାନ ପାଇବ । କିନ୍ତୁ ତା'ର ଧକ୍କାଟା ଯେ କେମିତି ଆମ ଅନୁଷ୍ଠାନକୁ ଆଘାତକରି ମୁମୂର୍ଷୁ ଅବସ୍ଥାରେ ପକାଇ ଦେଇଚି, ତା' ହୁଏତ କୌଣସି ଖବରକାଗଜ ଗ୍ରହିବ ନାହିଁ କି ଆପଣମାନେ କ୍ଷମା କରିବେ ନାହିଁ ।

ଏବେ ଗୁଡ଼ାଏ ସଂଗତିବିହୀନ ବକ୍ତୃତା ଶୁଣି ଅବଶ୍ୟ ଆପଣମାନଙ୍କର ଧୈର୍ଯ୍ୟଚ୍ୟୁତି ଘଟିବଣି, କିନ୍ତୁ ମୁଁ

Digitized by srujanika@gmail.com

ବର୍ତ୍ତମାନ ଅବସ୍ଥାରେ ସବୁ ସ୍ଥଗିତ ରଖାଇ ବସିଛୁ । କଲିକତାରୁ ଡ୍ରେସର୍, ପେଣ୍ଟର୍ ଲାଇଟ୍‌ମ୍ୟାନ୍ ତ ନିଶ୍ଚୟ ଆସି ସାରୁଥାଆନ୍ତି, ତା'ଛଡ଼ା ସେହି ଗାଡ଼ିରେ ଆଜି ଆମ ନାଟକର ପ୍ରଧାନ ନାୟକ ଭୂମିକାରେ ଯେ ଅଭିନୟ କରିବାର କଥା ଥିଲା, ସେହି ଉଦୟବାବୁଙ୍କର ଆସିବାର ଥିଲା । ଟେଲିଗ୍ରାମ ସନ୍ଧ୍ୟାରେ ପାଇଥିଲୁ । କିଛିଦିନପାଇଁ ତାଙ୍କ ବନ୍ଧୁଙ୍କର ଅନୁରୋଧ ଏଡ଼ାଇ ନପାରି ସେ ତାଙ୍କର ରୁଗ୍ଣ ଭଉଣୀଙ୍କୁ ଦେଖିବାକୁ ଯାଇଥିଲେ । ତାଙ୍କର ଆଜି ଫେରିବାର କଥା – କିନ୍ତୁ ହଠାତ୍ ଏ ଦୁର୍ଘଟଣା—ଯିବା ପୂର୍ବରୁ ଆମେ ଅନୁରୋଧ କରିଥିଲୁ । ଆମ କ୍ଲବର ସଭାପତି ନିଜେ ମଧ୍ୟ ତାଙ୍କୁ ବ୍ୟକ୍ତିଗତ ଅନୁରୋଧ ଜଣାଇ କରିଥିଲେ ।

(ପଟ୍ଟ ପରିବର୍ତ୍ତନ)

Digitized by srujanika@gmail.com

ଦୃଶ୍ୟାନ୍ତର

□

ସତ୍ୟପତି—ଦେଖ ଜୟନ୍ତ, ରୋଗ ଏ ଦୁନିଆରେ କାହାକୁ ଛାଡ଼ୁନ । ଗୋଟିଏ ରୋଗୀର ଚିକିତ୍ସାପାଇଁ, ତମପରି ଯଦି ଗୋଟିଏ ଡାକ୍ତରର ଦର୍କାର ହୁଏ, ତାହେଲେ ଏ ଦେଶର ରୋଗୀଙ୍କ ତୁଳନାରେ କେତେ ଡାକ୍ତରଙ୍କ ଦର୍କାର, ତାକୁ ଅଙ୍କ କଷି ବୁଝାଇବାର ଆବଶ୍ୟକ ବୋଧହୁଏ ପଡ଼ିବନି ।

ଜୟନ୍ତ— କିନ୍ତୁ ସା'ର୍, ସେ ଜଣେ ମୋର ବନ୍ଧୁ—ଅତି ଅନ୍ତରଙ୍ଗ ।

ସତ୍ୟପତି—Yes, I may add, he is poor too. ମାନେ ସେ ଅତି ଗରିବ—ସଙ୍ଗତିହୀନ, ନିହାତି ବସ୍ତୀ ଅଞ୍ଚଳରେ ତାଙ୍କର ନିବାସ । ହୁଏତ ଆଧୁନିକ ଚିକିତ୍ସାର ନାମ ପର୍ଯ୍ୟନ୍ତ ସେଠାରେ ପ୍ରବେଶ କରିନାହିଁ ।

ଜୟନ୍ତ—ଆପଣ କ'ଣ ତାଙ୍କୁ ଜାଣନ୍ତି ?

ସତ୍ୟପତି—ନା, ତୁମର ବନ୍ଧୁଟିକୁ ନ ଜାଣିଲେ ମଧ୍ୟ, ରୋଗୀଟିକୁ ଚିହ୍ନିଛି ।

ଜୟନ୍ତ—ଆପଣ କ'ଣ ସେ ରୋଗର ଇତିହାସ ଜାଣନ୍ତି ?

ସତ୍ୟପତି—ରଙ୍ଗମଞ୍ଚରେ ଦୃଶ୍ୟ ପରେ ଦୃଶ୍ୟ ଗତିକଲା ପରି ତାର ପ୍ରତ୍ୟେକଟି ଛବି ମୁଁ ତୁମ ମୁଖ ଉପରେ ପ୍ରତିଫଳିତ ହେବାର ସ୍ପଷ୍ଟ ଦେଖି ପାରୁଛି ।

ଜୟନ୍ତ—ସାର୍ !

Digitized by srujanika@gmail.com

ସର୍ଘପତି—Yes, my dear boy, ସେତେବେଳେ ବାହାନାରେ କେତେ ଯେ ଅନୁରାଗ ମନରେ ଜନ୍ମେ, ତାର ଇତିହାସ ପ୍ରତ୍ୟେକ ଡାକ୍ତରୀ ଛାତ୍ରର ଜୀବନପୃଷ୍ଠା ଓଲଟାଇଲେ ଜଣାପଡ଼େ, and specially you have entered into that age, ତୁମର ସେ ବୟସ ହୋଇଛି ।

ଉଦୟ—ସାର୍, ଆପଣ ହୁଏତ ଜାଣନ୍ତି ନାହିଁ...

ସର୍ଘପତି—ଉଦୟ, ତୁମେ ହୁଏତ ଜାଣ ନାହିଁ । ତୁମେ କ'ଣ କରିବାକୁ ଯାଉଚ । ତୁମେ ଆମ କଲେଜର ଜଣେ କୃତିଛାତ୍ର, ଏହା ମୁଁ ସ୍ୱୀକାର କରୁଛି । ତୁମେ ତୁମର ଛାତ୍ରାବସ୍ଥାରେ ଏ ଡାକ୍ତରୀଶିକ୍ଷାକୁ କେତେଦୂର କରାୟତ୍ତ କରିପାରିଛ, ତାହା ଅବଶ୍ୟ ମୋର ଜାଣିବାକୁ ବାକି ନାହିଁ । କିନ୍ତୁ ତମେ ଆଉଥରେ ବିବେଚନା କରି ଦେଖ; ତୁମର ବନ୍ଧୁମାନଙ୍କର ମନର ଅବସ୍ଥା କ'ଣ ହେବ ।

ଉଦୟ—ମୋର ବନ୍ଧୁର ମନର ଅବସ୍ଥା ଅବଶ୍ୟ ଏହାଠାରୁ ସାଂଘାତିକ ହୋଇଉଠିବ ସାର୍ !

ସର୍ଘପତି—True—ହୋଇପାରେ—apart from that, ଅନୁଷ୍ଠାନର ଶୃଙ୍ଖଳା କେବଳ ନୁହେଁ, ସମ୍ମାନ ରକ୍ଷାକରିବା ମଧ୍ୟ ମୋର କର୍ତ୍ତବ୍ୟ । ତୁମେ ଜାଣ, ଦିନ ସ୍ଥିର ହୋଇ ନିମନ୍ତ୍ରଣ ପତ୍ର ସହରର ଭଦ୍ରଲୋକମାନଙ୍କ ପାଖକୁ ପଠାଯାଇ ସାରିଲାଣି ।

ଉଦୟ—ମୋ ପରିବର୍ତ୍ତେ ଆଉ ଜଣେ କାହାକୁ ଯଦି ପ୍ରସ୍ତୁତ

Digitized by srujanika@gmail.com

କରାଯାଏ, ତାହାଲେ ବୋଧହୁଏ ବିଶେଷ କିଛି ଅସୁବିଧା ହେବନି—

ସବ୍ରୀପତି—Just according to your proposal, ତୁମର କଥା ଅନୁସାରେ ଯଦି ଅନ୍ୟ କେଉଁ ଡାକ୍ତରଙ୍କୁ ପଠାଇବାର ବ୍ୟବସ୍ଥା କରାଯାଏ ।

ଉଦୟ—ବିଶେଷ କିଛି ଫଳପ୍ରଦ ହେବନି ସାର୍ !

ସବ୍ରୀପତି—ଦେଖୁଛି, ରୋଗୀଟିର ଡାକ୍ତରଙ୍କ ପ୍ରେସ୍‌କ୍ରିପ୍‌ସନ୍ ଉପରେ ଯେତିକି ଭରସା ନାହିଁ, ଅଛି ତୁମର ଦର୍ଶନରେ ।

ଉଦୟ—(ନୀରବ)—

ସବ୍ରୀପତି—ଦେଖ ଉଦୟ, ମୁଁ ତୁମ ଛାତ୍ରଜୀବନରେ ତୁମପ୍ରତି interested ଥିଲି । ସେହି ପ୍ରକାରେ ତୁମର ଭବିଷ୍ୟତ ପାଇଁ ମଧ୍ୟ ମୁଁ କମ୍ interested ନୁହେଁ । ଡାକ୍ତର ଜୀବନରେ ଦୟା, ଦୟାରୁ ମାୟା ଓ ଶେଷକୁ ମମତା ଲଗାଇ ବସିଲେ ତୁମେ ସବୁ କାର୍ଯ୍ୟରେ ଅକୃତକାର୍ଯ୍ୟ ହେବ ।

ଉଦୟ—କିନ୍ତୁ ସାର୍, ଆପଣ ତ ନିଶ୍ଚୟ ସ୍ୱୀକାର କରିବେ, ଡାକ୍ତରର Prescription ଅପେକ୍ଷା, ରୋଗୀର ବିଶ୍ୱାସ ଉପରେ ଅନେକ ସମୟରେ ଆଶାତୀତ ଭାବରେ ରୋଗର ଉପଶମ ହୁଏ ।

ସବ୍ରୀପତି—ତା’ ଅବଶ୍ୟ ମୁଁ ସ୍ୱୀକାର କରୁଛି ।

Digitized by srujanika@gmail.com

ଉଦୟ—ସେହି ବିଶ୍ୱାସରେ ବନ୍ଧୁଟି ଯେ ମୋତେ ଏତେ ଜରୁରୀ ଖବର ନ ପଠାଇଛି, ତା କାହିଁକି ଆପଣ ଭାବବେ ।

ସଭାପତି—କିନ୍ତୁ ଏତେ ଲୋକଙ୍କର ବିଶ୍ୱାସ ଯେ, ତୁମ ବିନା ଯେ ଏ ଅଭିନୟ ହୋଇ ପାରିବନି । ଏକେ ତ ତୁମ ବନ୍ଧୁଙ୍କର ଲେଖା, ତାପରେ ସେ ଚରିତ୍ରଗୁଡ଼ିକ ସହିତ ତୁମର ସମ୍ପର୍କ କୁଆଡ଼େ ଖୁବ ଘନିଷ୍ଠ ।

ଉଦୟ—ଦେଖନ୍ତୁ ସାର୍, କର୍ତ୍ତବ୍ୟ ଓ ଅଭିନୟ ଏ ଦୁଇଟା ଭିତରୁ କର୍ତ୍ତବ୍ୟକୁ ଆପଣ ନିଶ୍ଚୟ ପ୍ରଥମ ସ୍ଥାନ ଦେବେ । ନିଜର ଆମୋଦ-ପ୍ରମୋଦ ଟିକକୁ ଜଳାଞ୍ଜଳି ନ ଦେଇ ଯଦି କର୍ତ୍ତବ୍ୟରେ ଅବହେଳା କରୁ, ତାହେଲେ ଆମ ଉଚ୍ଚାକାଂକ୍ଷା ଜୀବନର ସାର୍ଥକତା ରହିଲା କେଉଁଠି ? (ସଭାପତି ଟିକିଏ ଇତସ୍ତତଃ ହେଲେ) କୁହନ୍ତୁ ସାର୍, ମୋର ଭୁଲ ହେଲେ କାହିଁକି ?

ସଭାପତି—ତୁମେ ମୋର ହୃଦୟର ଅନ୍ତ ସ୍ପର୍ଶ ତନ୍ତ୍ରୀରେ ଆଘାତ କରିଛ ଉଦୟ—ମୁଁ ତୁମକୁ ବାଧା ଦେବାକୁ ଯାଉନାହିଁ । ଦେଖ, ତା ଯାଙ୍ଗେ ସହିତ ତୁମର ବନ୍ଧୁମାନଙ୍କର ମନକୁ ରଖିଲା ଭଳି ଯଦି କିଛି ବ୍ୟବସ୍ଥା କରିପାର ।

ଉଦୟ—ମୁଁ ତା'ର ଯଥାସାଧ୍ୟ ଚେଷ୍ଟା କରିବି । ଏବେ ପର୍ଯ୍ୟନ୍ତ ମୁଁ ସେମାନଙ୍କୁ ଜାଣି କରିନାହିଁ—ଖୁଏତ ସେଇ ଦିନକୁ ମୁଁ ଫେରି ଆସିବି......

(ନମସ୍କାର ଜଣାଇ)

(ପଟ ପରିବର୍ତ୍ତନ)

Digitized by srujanika@gmail.com

ଦୃଶ୍ୟାନ୍ତର

□

ସେକ୍ରେଟାରୀ—ଖାଲି ସେତିକି ନୁହେଁ—ସେଠାକୁ ଯାଇ ସେ ଟେଲିଗ୍ରାମ କରିଥିଲେ ନିଶ୍ଚୟ ଆମର ଆଜିକାର 'ସୋ'ରେ ଯୋଗ ଦେଇ ପାରନ୍ତେ—କିନ୍ତୁ ଏବେ ସ୍ପଟ୍‌ଟା କେଉଁଠି ଠାବ କରିବା, ମୋ ପକ୍ଷରେ ବଡ଼ କଠିନ ହୋଇଯାଉଛି । ହୁଏତ ଭଦ୍ରବାବୁ ତାଙ୍କର କଥା ରକ୍ଷାପାଇଁ ଆସିଥାନ୍ତେ, କିନ୍ତୁ ହଠାତ୍ ଜନତା ଏକ୍ସପ୍ରେସ୍‌ର ଦୁର୍ଘଟଣାପାଇଁ ଅଟକି ଯାଇଛନ୍ତି ।

ଏମନ୍ତ ଅବସ୍ଥାରେ ଆପଣମାନେ ବିଚାର କରନ୍ତୁ ରେଳୱେ ଦୁର୍ଘଟଣାପାଇଁ ଦାୟୀ କିଏ ?

(ଅନ୍ତରାଳରୁ ଶୁଣାଗଲା······)

ସୁଚରିତା—ଶିକ୍ଷିତ ବୋଲି ଏତେ ଗର୍ବ କରନ୍ତୁ କିନ୍ତୁ ଏତେ ଟିକିଏ ବି ଦାୟିତ୍ୱ ଜ୍ଞାନ ନାହିଁ । It is nonsense, sheer nonsense.

ସେକ୍ରେଟାରୀ—ଦେଖନ୍ତୁ । ଆପଣମାନେ ଏତେ ସମୟ ବସି ଯେତେ ବିବ୍ରତ ନୁହଁନ୍ତି, ତା' ଅପେକ୍ଷା ବେଶୀ ବିବ୍ରତ ହେଉଛନ୍ତି ଲଗି ପାର୍ଟ ମୁଖସ୍ଥ କରି, ଅଫିସରୁ ଛୁଟି ନେଇ ରିହର୍ସାଲ ଆଟେଣ୍ଡ କରିଥିଲେ ଯେଉଁ ଅଭିନେତା ଓ ଅଭିନେତ୍ରୀ-ମାନେ— (ସୁଚରିତା ପ୍ରବେଶ କରି)

ସୁଚରିତା—ଆପଣଙ୍କୁ ଏଥିପାଇଁ କୈଫିୟତ ଦେବାକୁ ହେବ ସେକ୍ରେଟାରୀ ।

Digitized by srujanika@gmail.com

ସେକ୍ରେଟାରୀ—ତା' ଦେବ, ଆପଣ ଭିତରକୁ ଯାଆନ୍ତୁ—ମୁଁ ଆଗ ଆଗନ୍ତୁକ ଅତିଥିମାନଙ୍କୁ ମୋ କୈଫିୟତ ଶୁଣାଇ ସାରେ ।

ସୁଚରିତା - ଗାର୍ଲସ୍ ଷ୍ଟୁଡେଣ୍ଟମାନଙ୍କୁ ଅପଦସ୍ତ କରିବାର ଏ ବୋଧହୁଏ ଆପଣଙ୍କର ଗୋଟାଏ ପ୍ଲାନ୍ !

ସେକ୍ରେଟାରୀ—ମୁଁ ଆପଣଙ୍କୁ ଅନୁରୋଧ କରୁଛି ସୁଚରିତା ଦେବୀ, ଆପଣ girl ଆଉ Boyର ଏ ନୂଆ ରାଜନୀତି ଏଠା ଭିତରକୁ ଆଣନ୍ତୁ ନାହିଁ ।

ସୁଚରିତା—ଆପଣଙ୍କର କଥାଗୁଡ଼ିକ ବେଶ୍ ସୁଗାର କୋଟେଡ୍, ବାହାରକୁ ବେଶ୍ ସୁନ୍ଦର; କିନ୍ତୁ—

ସେକ୍ରେଟାରୀ—କଥାଟା ଏତେ ଅସୁନ୍ଦର ହୋଇଯାଇଛି ଯେ, ଦ'ପଦ ସୁନ୍ଦର କଥା ନ କହିଲେ ଚଳୁନି ।

ସୁଚରିତା—କିନ୍ତୁ କଥାଟାକୁ ଏତେ ଅସୁନ୍ଦର କଲା କିଏ ?

ସେକ୍ରେଟାରୀ—ସେଇ କଥା ତ ଏତେବେଳଯାଏ ବୁଝାଇବାକୁ ଚେଷ୍ଟା କରୁଥିଲି । ଦୈବଦୁର୍ବିପାକ ପାଇଁ କମିଟି ଦାୟୀ ନୁହେଁ ।

ସୁଚରିତା—ମୁଁ କହୁଛି ଏଥିପାଇଁ ଆପଣମାନଙ୍କ କମିଟି ପୂରା ମାତ୍ରାରେ ଦାୟୀ ।

ସେକ୍ରେଟାରୀ—ଆମ କମିଟି ?

ସୁଚରିତା—ହଁ, ହଁ; ଆପଣମାନଙ୍କ ମ୍ୟାନେଜମେଣ୍ଟ । ଡ୍ରାମା କରିବାର ଯଦି ଥିଲା, ଜୟଦୁବାବୁଙ୍କୁ ବାଦ୍ ଦେଇ କ'ଣ ଚଳନ୍ତା ନ ଥିଲା ।

Digitized by srujanika@gmail.com

ସେକ୍ରେଟାରୀ—କିନ୍ତୁ ସେ ଅଚଳ ଅବସ୍ଥାଟି ସୃଷ୍ଟି କଲା କିଏ ?

ସୁଚିତ୍ରା— କିଏ ? କହନ୍ତୁନା ଆଜ୍ଞା ।

ସେକ୍ରେଟାରୀ—କହି ପାରିବ ନାହିଁ ବୋଲି ଭାବନ୍ତୁ ନାହିଁ । ଖାଲି ଭାବୁଛି ଏତେ ଲୋକଙ୍କ ଆଗରେ ସତ କଥାଟା କହିଲେ, ଆପଣଙ୍କ ଅଭିଯୋଗଟା ଆହୁରି ଗୁରୁତର ଆକାର ଧାରଣ କରିବ ।

ସୁଚିତ୍ରା— ଆପଣ କହି ପାରନ୍ତି । I am prepared for the worst. ସବୁଥିକ ମୁଁ ପ୍ରସ୍ତୁତ ଅଛି ।

ସେକ୍ରେଟାରୀ—ଆପଣଙ୍କୁ ଯେତେବେଳେ ପାର୍ଟ ଦେବାପାଇଁ ମୁଁ ନିଜେ ଯାଇ ଅନୁରୋଧ କରିଥିଲି, ଆପଣଙ୍କ ସର୍ତ୍ତ କ'ଣ ଥିଲା କୁହନ୍ତୁ ?

ସୁଚିତ୍ରା—ଆପଣ ତ କହୁଛନ୍ତି, ଆଗ କହି ସାରନ୍ତୁ ।

ସେକ୍ରେଟାରୀ—ଆପଣଙ୍କର ସର୍ତ୍ତ ନ ଥିଲା କି, ଉଦୟବାବୁ ଯଦି ପ୍ରଧାନ ଚରିତ୍ର ଭୂମିକାରେ, ଅଂଶ ଗ୍ରହଣ କରିବେ । ତାଙ୍କର Opposite roleଟା ଯେପରି ଆପଣଙ୍କୁ ଦିଆଯାଏ —ତାପରେ ହଠାତ୍ ଉଦୟବାବୁ ଯେତେବେଳେ କାର୍ଯ୍ୟବଶ ପାଇଁ ତାଙ୍କ ବନ୍ଧୁଙ୍କର ରୁଗ୍‌ଣା ଭଉଣୀଟିକୁ ଦେଖିବାପାଇଁ ସମସ୍ତଙ୍କର ଅନୁରୋଧକୁ ଏଡ଼ାଇ ଦେଇ ବାହାରିଲେ, ସେତେବେଳେ କ'ଣ ଆପଣ ଚିଠି ଲେଖି ଆପଣଙ୍କ ପାର୍ଟଟା ଫେରାଇ ଦେଇ ନ ଥିଲେ—ସେ ଏହି ଚିଠିରେ କ'ଣ ଆପଣ ଲେଖି ନ ଥିଲେ, ଉଦୟବାବୁ ଯଦି ଏହିଥର ଡ୍ରାମାରେ

Digitized by srujanika@gmail.com

ଅଂଶ ଗ୍ରହଣ ନ କରିବେ, ତେବେ ଡ୍ରାମା ବନ୍ଦ କରିଦେବାପାଇଁ ।

ସୁଚନ୍ଦା—ଆପଣଙ୍କ କଥାଗୁଡ଼ିକ ନଗ୍ନ ସତ; କିନ୍ତୁ ତାର ଉଦ୍ଦେଶ୍ୟ ଥିଲା ଭିନ୍ନ ।

ସେକ୍ରେଟାରୀ—ଆମେ ଠିକ୍ ଲକ୍ଷ୍ୟ କରିଥିଲୁ କଲେଜରେ ପାଠ ପଢ଼ାରେ ଆପଣ ଦୁହେଁ ଯେପରି compete କରୁଥିଲେ, ହୁଏତ ଅଭିନୟରେ ମଧ୍ୟ ସେ ପ୍ରକାର compete କରିଥାନ୍ତେ । ଫଳରେ ଆମର ନାଟକ ସର୍ବାଙ୍ଗ ସୁନ୍ଦର ହୋଇଥାନ୍ତା । କିନ୍ତୁ ନିୟତିର ଦ୍ୱାର—ତା'ର 'କାମ ସେ ଠିକ୍ କରି ଗଲା—ଉଦୟବାବୁଙ୍କୁ ନେଇଗଲା କେଉଁ ସୁଦୂର ପଲ୍ଲୀ ଅଞ୍ଚଳକୁ—ଆଜି ଆମର ସୁଚନ୍ଦା ଦେବୀଙ୍କୁ ଛାଡ଼ିଗଲା ଏଠି ଏକା । compete କରିବାର ମଣିଷଟିକୁ ପାଖରେ ନ ପାଇ, ସବୁ ଦୋଷ ଢାଳି ଦେବାକୁ ବସିଛନ୍ତି ଆମରି ମ୍ୟାନେଜମେଣ୍ଟ ଉପରେ ।

ସୁଚନ୍ଦା—ଆପଣ ଜଣେ ଭଲ ଅଭିନେତା ହିସାବରେ ପୂର୍ବରୁ ଏହି ଷ୍ଟେଜ୍‌ରେ ଖ୍ୟାତି ଅର୍ଜିଛନ୍ତି—ସେଥିପାଇଁ ହୁଏତ ଆପଣଙ୍କୁ ସେକ୍ରେଟାରୀ ହିସାବରେ studentମାନେ ଭୋଟ ଦେଇଛନ୍ତି—ଆଜି ତାହାର ବେଶୀ ପରିଚୟ ନ ଦେଲେ ବୋଧହୁଏ ଭଲ ହୁଅନ୍ତା ।

ସେକ୍ରେଟାରୀ—ପରିଚୟ ଦେବାର ଆଉ ଦରକାର ପଡ଼ୁନି ସୁଚନ୍ଦା ଦେବି ! ଆମମାନଙ୍କର Indiscipline ମାନେ ବିଶୃଙ୍ଖଳା, unmannerliness ମାନେ ଅଭଦ୍ରାମିର

Digitized by srujanika@gmail.com

ଯେଉଁ ବଗଟ ଭୂମିକା ଦର୍ଶକମାନଙ୍କ ଆଗରେ ଦେଖାଇ ସାରିଲେଣି, ତା'ର ଶେଷ ପରିଣତିଟା କ'ଣ, ମୁଁ ସେଇକଥା ଭାବୁଛି ।

ସୁଚରିତା—ଦେଖନ୍ତୁ, ଘଟନାଟା ଯଦି ଏ ପର୍ଯ୍ୟନ୍ତ ଆପଣଙ୍କର କୌଣସି ନିର୍ଦ୍ଦିଷ୍ଟ ସିଦ୍ଧାନ୍ତ ଆଡ଼କୁ ଗତି କରିନାହିଁ; ତାହାହେଲେ ଏତେଗୁଡ଼ାଏ ଭଦ୍ରଲୋକ ଓ ଭଦ୍ର ମହିଳାମାନଙ୍କୁ ଅଯଥାରେ ଅଟକାଇ ନ ରଖି, ଲାଇଟ୍ ଅଫ୍ କରି ଏହି ଷ୍ଟେଜ୍‌ରେ ଆପଣ ବସି ଭାବନ୍ତୁ ଯଦି କିଛି ସ୍ଥିର କରି ପାରିବେ ।

ସେକ୍ରେଟାରୀ—It is not a joke ସୁଚରିତା ଦେବୀ ! କଥାଟାକୁ ଆପଣ seriously ଭାବନ୍ତୁ । ମୋର ଅପମାନ-ଟାକୁ ଆପଣ ନିଜର ଅପମାନ ପରି ଜ୍ଞାନ କରନ୍ତୁ । ସେକ୍ରେଟାରୀ ନିର୍ବାଚନ ବେଳେ ଆପଣ ନିଶ୍ଚୟ ଆପଣଙ୍କ ଭୋଟଟା ମୋ ସପକ୍ଷରେ ଦେଇଛନ୍ତି । ଅନ୍ତତଃ ଆପଣଙ୍କର ଜଣେ ସମର୍ଥକଙ୍କୁ ଏ ବିପଦରୁ ଉଦ୍ଧାର କରିବାପାଇଁ କିଛି ଉପାୟ ଆବିଷ୍କାର କରନ୍ତୁ ।

ସୁଚରିତା—ସେ ଉପାୟ ମୁଁ ଅନେକବେଳୁ ଉଦ୍‌ଭାବନ କରି ବସିଛି······।

ସେକ୍ରେଟାରୀ—Then why are you silent ? Tell me please. ମାରିବ କାର୍ତ୍ତିକ, କୁହନ୍ତୁ ନା କ'ଣ କରାଯିବ ?

ସୁଚରିତା—But you are slow to accept it—ତୁମେ ତାକୁ ଗ୍ରହଣ କରିବାକୁ କୁଣ୍ଠିତ ନ ହେଲେ ହେଲା ।

Digitized by srujanika@gmail.com

ସେକ୍ରେଟାରୀ—Oh ! I am ever ready. ସର୍ବଦା ପ୍ରସ୍ତୁତ ।

ସୁଚରିତା—ମୋ ମତରେ ଏସବୁ ପ୍ରହସନ ବନ୍ଦ କରି, ବର୍ତ୍ତି ନେଇ ଘରକୁ ଯାନ୍ତୁ—ଆପଣଙ୍କ ବାହାଦୁରୀ ଜଣାଗଲାଣି······ । (ପ୍ରସ୍ଥାନ ଉଦ୍ୟତ)

ସେକ୍ରେଟାରୀ—ତା ମାନେ ଆପଣ ପ୍ରସ୍ତାବ ଆଗତ କରିବା ସ୍ଥଳେ ସାଙ୍ଗେ ସାଙ୍ଗେ ଅନୁମୋଦକ ନ ହେଉଣୁ, କାର୍ଯ୍ୟକାରୀ କରିବାକୁ ଉଦ୍ୟତ ହୋଇ ଗଲେଣି ନା କ'ଣ ?

ସୁଚରିତା—ନା, ଗ୍ରୀନ୍‌ରୁମ୍‌ରେ ବସି ମୁଁ ଧୈର୍ଯ୍ୟର ସହିତ ଲକ୍ଷ୍ୟ କରୁଛି, ଆପଣଙ୍କର ଏହି ପ୍ରହସନର ଗତିଟା କେଉଁ ଆଡ଼କୁ । (ପ୍ରସ୍ଥାନ)

ସେକ୍ରେଟାରୀ—ଦେଖନ୍ତୁ; ଆପଣମାନେ ବିଚାର କରନ୍ତୁ । ଏ ପ୍ରକାର ମନୋବୃତ୍ତି ନେଇ ମଣିଷ କୌଣସି କାର୍ଯ୍ୟରେ କ'ଣ ଆଗେଇ ପାରେ ? ଦୈବ ଦୁର୍ଘଟଣା—ସେଥିରେ ମଣିଷର ହାତ କ'ଣ ଅଛି ? ବରଂ ଗୌରବ ଅଛି, ଦୁର୍ଘଟଣାର ସମ୍ମୁଖୀନ ହୋଇ, ସେଥିରୁ କୃତିତ୍ୱର ସହିତ ଉତ୍ତୀର୍ଣ୍ଣ ହେବା । ମୋର କଥା ଉପରେ ହୁଏତ ଆପଣ-ମାନଙ୍କର cent percent ଆସ୍ଥା ଅଛି, କିନ୍ତୁ ଆମର ଭିତର ଲୋକଙ୍କର ନାହିଁ । ଦେଖିଲେ ତ ଗୋଟିଏ ନମୂନା । ସହଯୋଗ କରିବା ଦୂରେ଼ ଥାଉ ବରଂ ଅନ୍ତରାଳରେ ବସି, ବୁଲାଉଛି କେତେ ପ୍ରକାର ସମାଲୋଚନା । ଏସବୁ ଲକ୍ଷଣର ସୂଚନା ମୁଁ ଆଗରୁ ପାଇଥିବାରୁ

Digitized by srujanika@gmail.com

ସେକ୍ରେଟାରୀ ହେବାକୁ ମୋଟେ ରାଜି ନ ଥିଲି । ରୁ' ଜଳଖିଆ ତ ଦୂରର କଥା, ମୁଁ କାହାକୁ ପାନ ଖିଲେ, ଖଣ୍ଡେ ସିଗାରେଟ କମ୍ପା ବଡ଼ ପର୍ଯ୍ୟନ୍ତ ଯାଚ ନାହିଁ । ମୋତେ ଏବେ କ ମୁସ୍କିଲରେ ଏମାନେ ପକାଇଲେ ।

(ମ୍ୟାନେଜରର ଅନ୍ତରାଳରୁ)

ମ୍ୟାନେଜର—ସେକ୍ରେଟାରୀ ବାବୁ !

ସେକ୍ରେଟାରୀ—ଆଜ୍ଞ ସେକ୍ରେଟାରୀ ବାବୁ ! !

ମ୍ୟାନେଜର—ଗୋଟାଏ ଖବର ନିଅନ୍ତୁ ସେକ୍ରେଟାରୀବାବୁ...

ସେକ୍ରେଟାରୀ—କଏ ମ୍ୟାନେଜର ବାବୁ ! କ ଖବର ସେଇଟା ଆପଣଙ୍କର, ଏଠିକି ଆସି ଶୁଣାନ୍ତୁ ନା । ଓଃ—ଡ୍ରେସ୍ କଥା କହୁଛନ୍ତି—ମ୍ୟାନେଜର ଡ୍ରେସ୍‌ଟା ତ ଆପଣଙ୍କର ବେଶ ସାଜନ୍ତୁ—ମାନେ ତେବେ ଦେଖିଲେ, ଦର୍ଶକ-ମାନଙ୍କୁ ପରିଚୟ କରାଇ ଦେବା ପାଇଁ ଅଧିକା ସମୟ ନେବାକୁ ମୋଟେ ଆବଶ୍ୟକ ପଡ଼ିବ ନାହିଁ ।

ମ୍ୟାନେଜର—(ଅନ୍ତରାଳରୁ) ଏଇ ବେଶରେ ଯିବ ?

ସେକ୍ରେଟାରୀ—ଆସ ଆସ—ତୁମ ଖବରଟା ଶୁଣିବାକୁ ସମସ୍ତେ ଯେତେ ଉଦ୍‌ଗ୍ରୀବ, ତୁମ ତେବେ ପ୍ରତି କାହାର ନଜର ପଡ଼ିବନି !

ମ୍ୟାନେଜର—(ପ୍ରବେଶକରି) ଜନତା ଏକ୍‌ସପ୍ରେସ ସେକ୍ରେଟାରୀ-ବାବୁ !

ସେକ୍ରେଟାରୀ—ତା'ର ପାଇଁ ତ ଏ ପର୍ଯ୍ୟନ୍ତ ତ୍ରପ୍ ଉଠାଇ ପାରିଲୁ ନାହିଁ । ଆଜ୍ ପୁଣି ଥରେ ଟେ ନାଁ ଶୁଣାଇ ଲଭ ?

Digitized by srujanika@gmail.com

ମ୍ୟାନେଜର—Rescue train,

ସେକ୍ରେଟାରୀ—Rescue train ଯିବାର ଦର୍କାର ପଡ଼ୁଛି—କଣ୍ଠ emergency notice principalଙ୍କ ପାଖକୁ ଆସିଛି ?

ମ୍ୟାନେଜର—ସେକଥା ତ କହି ପାରିବନି ।

ସେକ୍ରେଟାରୀ—ଆଜ କେଉଁ କଥା କହିବାକୁ ଆସିଲ ? ବରଂ ଯାଅ Principalଙ୍କୁ କହି ଗୋଟାଏ ଡାକ୍ତର ଦଳ rescue trainରେ ପଠାଇବାର ବ୍ୟବସ୍ଥା କରାଇଅ । ଦେଖ, ସେଥିରେ ଯେପରି ଭୁମର ସେକ୍ରେଟାରୀ ନାଁ ଟା ଦେଇଥିବ । ତା'ହେଲେ ଗୋଟାଏ emergency no-no, national emergencyର ଦୋହାଇ ଦେଇ ଅନ୍ତତଃ ଆଜକାର ସୋ'ଟା ବନ୍ଦ ରଖିବାର ଗୋଟିଏ ଯୁକ୍ତିଯୁକ୍ତ କାରଣ ପାଇଯିବା ।

ମ୍ୟାନେଜର—କାଲି ଖବର ଆସିଛି ସେକ୍ରେଟାରୀବାବୁ, ଟ୍ରେନ୍‌ଟା କଟକ ଷ୍ଟେସନରେ ଆସି ପହଞ୍ଚିଲାଣି ।

ସେକ୍ରେଟାରୀ—ତାହେଲେ କାହାଁକୁ କଟକ ଷ୍ଟେସନକୁ ପଠାନ୍ତୁ ମ୍ୟାନେଜରବାବୁ, ହୁଏତ ଉଦୟବାବୁ ସେଥିରେ ଆସି ଥାଇ ପାରନ୍ତି ।

ମ୍ୟାନେଜର—ସେଥିପାଇଁ ପ୍ରଫେସର୍ ଦାସ ଆପଣଙ୍କୁ ଭିତରକୁ ଡାକୁଛନ୍ତି । ଅନ୍ୟ arrangement ନ ହେଲା ପର୍ଯ୍ୟନ୍ତ audienceଙ୍କୁ engage ରଖିବାପାଇଁ କେତେ ଗୋଟି ନାଚ ଗୀତର ବ୍ୟବସ୍ଥା କରିବାପାଇଁ ।

Digitized by srujanika@gmail.com

ସେକ୍ରେଟାରୀ—The idea—ମ୍ୟାନେଜର the idea. That's like an able manager of an able Secretary,

ଆଚ୍ଛା, ଯାଅ ତୁମେ ଭିତରକୁ, ଯାଅ—ମୁଁ ତୁମ ପଛେ ପଛେ ଚାଲିଲି । (ମ୍ୟାନେଜରର ପ୍ରସ୍ଥାନ)
Now Ladies and gentlemen. ମୁହୂର୍ତ୍ତକ ପୂର୍ବରୁ ଆମର ମ୍ୟାନେଜରବାବୁ ଆପଣଙ୍କୁ ଯେଉଁ ଖବର ଶୁଣାଇଲେ, ସେଥିରେ ଆପଣଙ୍କ ମନରେ ହତାଶ ମେଘର ଘନଘଟା ଭିତରେ ନିଶ୍ଚୟ ଆଶାର ଚାନ୍ଦ ଉଙ୍କି ମାରିବଣି । ଆମର ଲେଖକବାବୁ ଯଦି ଆସିଥାନ୍ତି, ଆପଣମାନଙ୍କ ସନ୍ଧିଚ୍ଛା ବଳରେ ମୁଁ ରଙ୍ଗମଞ୍ଚରେ ପୁନେଇ ଜ୍ୟୋସ୍ନାର ଲହରୀ ଖେଳାଇ ଦେବି—ଆଉ ମାତ୍ର କେତୋଟି ମିନିଟ୍‌ପାଇଁ ଆପଣଙ୍କ ଧୈର୍ଯ୍ୟ ଓ ସହାନୁଭୂତି ଭିକ୍ଷା କରୁଛି...
Thank you everybody.

(ଦୃଶ୍ୟପରିବର୍ତ୍ତନ)

Digitized by srujanika@gmail.com

ଦୃଶ୍ୟାନ୍ତର

□

(ବିଭିନ୍ନ ନୃତ୍ୟ ଗୀତର ବ୍ୟବସ୍ଥା ପରେ)

ସେକ୍ରେଟାରୀ—ଉପସ୍ଥିତ ଭଦ୍ରମହିଳା ଓ ମହୋଦୟଗଣ ! ଆପଣମାନେ ପୁନର୍ବାର ମୋର ଏହି ରଙ୍ଗମଞ୍ଚରେ ଆବିର୍ଭାବଟା ହୁଏତ ଭଲପାଉ ନ ଥିବେ । ମୁଁ ମଧ୍ୟ ଚାହୁଁନାହିଁ ଉଦୟବାବୁ ଓ ଆପଣମାନଙ୍କ ମଧ୍ୟରେ ବେଶୀ ସମୟ ପ୍ରାଚୀର ରୂପେ ଠିଆହୋଇ ରହିବାକୁ । କିଛିକ୍ଷଣ ପୂର୍ବରୁ ଆପଣମାନଙ୍କ ମନରେ ଯେଉଁ ଆଶଙ୍କା ଜନ୍ମିଥିଲା ତା ହୁଏତ ଅଳ୍ପ ସମୟ ମଧ୍ୟରେ ଦୂର ହୋଇଯିବ । ଉଦୟ ବାବୁଙ୍କର ସହସା ଅନୁପସ୍ଥିତି ଫଳରେ ଯେଉଁ ଅଶୋଭନୀୟ ପରିସ୍ଥିତିର ସୃଷ୍ଟି ହୋଇଥିଲା ସେଥିପାଇଁ, ସେ ଏକା କାହିଁକି, ଆମମାନଙ୍କୁ ମଧ୍ୟ ଆପଣମାନେ କ୍ଷମା ଦେଇଥାନ୍ତେ କି ନାହିଁ ସେ ବିଷୟରେ ସନ୍ଦେହ ଥିଲା । କିନ୍ତୁ ବର୍ତ୍ତମାନ ଆପଣମାନେ ମୋଠାରୁ ଯେତେବେଳେ ଶୁଣିବେ କେଉଁ ଅବସ୍ଥାରେ ପଡ଼ି ତାଙ୍କର ପହଞ୍ଚିବାରେ ବିଳମ୍ବ ଘଟିଲା, ତାହେଲେ, ଆପଣଙ୍କ ମଧ୍ୟରୁ କେତେକ ଅପ୍ରକାଶ୍ୟ ହେବେ ଓ ଆପଣମାନଙ୍କ ମଧ୍ୟରୁ ପ୍ରାୟ ସମସ୍ତେ ପ୍ରକାଶ୍ୟ ହେବେ, ଉଦୟବାବୁଙ୍କ ପୂର୍ବରୁ ତାଙ୍କର ଦାୟିତ୍ୱହୀନତା ନେଇ ଯେତେଗୁଡ଼ିଏ ବିଶେଷଣ ଯୋଗ କରିଥିଲେ, ସେଗୁଡ଼ିକୁ ସସମ୍ମାନେ ପ୍ରତ୍ୟାହାର କରିନେବେ ।

(ସୁଚିତ୍ରା ପ୍ରବେଶ କଲେ)

Digitized by srujanika@gmail.com

ସୁଚରିତା—ତା ପୂର୍ବରୁ କୁହନ୍ତୁ ଆପଣଙ୍କ ହୃଦୟଂବାବୁଟି କାହାନ୍ତି ?

ସେକ୍ରେଟାରୀ—ଏ ପର୍ଯ୍ୟନ୍ତ ଆପଣ ତାକୁ ଠାବ କରିପାରି ନାହାନ୍ତି ?

ସୁଚରିତା—ସେ ହନୁମାନର ଶକ୍ତି ଆମଠାରେ ନାହିଁ—ବରଂ ଆପଣଙ୍କ ସେକ୍ରେଟାରୀ··· (ହସିବା)

ସେକ୍ରେଟାରୀ—ଆଃ ଏମିତି ହସନ୍ତୁ ନାହିଁ ସୁଚରିତା ଦେବୀ ! ତାହେଲେ ଦର୍ଶକମାନେ କଥାଟାକୁ ବଡ଼ ହାଲୁକା ଭାବରେ ଗ୍ରହଣ କରିବେ ! ତାହେଲେ ଆମ ଡ୍ରାମାର ଓଜନ କମିଯିବ ।

ସୁଚରିତା—Allright. ମୁଁ ବର୍ତ୍ତମାନ ଆପଣଙ୍କୁ ବଡ଼ Serious ଭାବରେ···I mean with all seriousness ପଚାରୁଛି, ଆପଣଙ୍କ ହୃଦୟବାବୁଟି କେଉଁ ଅଶୋକ କାନନରେ ଅସୁର-ଅସୁରୀମାନଙ୍କ ମଧ୍ୟରେ ଅନ୍ତରିତ ହୋଇଛନ୍ତି; ରାମଭକ୍ତ ହନୁମାନ ଯାଇ ତାଙ୍କୁ ସମସ୍ତଙ୍କ ଆଗକୁ ଆଣନ୍ତୁ ।

ସେକ୍ରେଟାରୀ—Muder—Muderକଲ ସୁଚରିତା ଦେବୀ ।

ସୁଚରିତା—ମାନେ ?

ସେକ୍ରେଟାରୀ—ମାନେ ମର୍ଡ଼ର୍ । ରାତ୍ତମଚ ମର୍ଡ଼ର୍ । ଭାଗ୍ୟକୁ ଆମେ ଆଜ ଯାଇ ହନୁମାନ ପୌରାଣିକ ନାଟକ ପ୍ଲେ କରୁନାହେଁ—ନଚେତ୍ ରାତ୍ତମଚ ବର୍ତ୍ତମାନ ଦର୍ଶକମାନଙ୍କ ମଧ୍ୟରୁ ଚତ୍କାର ଶୁଭୁଥାନ୍ତା—"ମର୍ଡ଼ର୍, ମର୍ଡ଼ର୍" ।

Digitized by srujanika@gmail.com

ସୁଚରିତା—ହେବଶ୍ ଭଲହେଲା—ଆଜକାର ପ୍ଲେ କଥା କ'ଣ ହେବ କୁହନ୍ତୁ, ନଚେତ୍ ଆମମାନଙ୍କର ଆଉ ଧୈର୍ଯ୍ୟ ନାହିଁ ।

ସେକ୍ରେଟାରୀ—ତଥାପି ମୁଁ କହିବ ଧୈର୍ଯ୍ୟଂ ଧୃତ୍ତୁ, ମାନେ have patience. ହନୁମାନର ଚେହେରା ସାଙ୍ଗେ ମୋର ମେକ୍‌ଅପ୍‌ରେ ଯେଉଁ ବିରାଟ ସାମଞ୍ଜସ୍ୟ ତୁମେ ଦେଖି ପାରୁଚ । ବର୍ତ୍ତମାନ ଲକ୍ଷ୍ୟକର ମୁଁ ସେହି ହନୁମାନ roleଟା successfully display କରିପାରୁଚି କି ନା…

ଦେଖନ୍ତୁ ଆପଣମାନେ—ସୁଚରିତା ଦେବୀ ରାମାୟଣର ଅବତାରଣା କରିବାକୁ ଯାଇ ଯେଉଁ ଭୁଲ୍ କଲେ, ତାହା ମୁଁ detect କରାଇଦେବାରୁ ମୋ ଉପରେ କ୍ଷୁଣ୍ଣ ହୋଇଚନ୍ତି …ଆପଣମାନେ କହନ୍ତୁ ନା ହନୁମାନ କେବେ ଅସୁରପୁରୀ ମଧ୍ୟରୁ କାହାକୁ ଉଦ୍ଧାର କରି ଆଣିଥିଲେ ? ନା; ଆପଣ-ମାନଙ୍କର ମନେଥିବ, ସେ କେବଳ ଆଣିଥିଲେ ଗୋଟିଏ ମାତ୍ର ସଙ୍କେତ । ଅଶୋକ କାନନର ଅସୁରପୁରୀ ମଧ୍ୟରୁ ମୁଁ ମଧ୍ୟ ଆପଣମାନଙ୍କ ପାଖକୁ ବର୍ତ୍ତମାନ ସେହି ପ୍ରକାରେ ନେଇ ଆସିଚି ଗୋଟିଏ ସଙ୍କେତ—

(ପକେଟରୁ ଗୋଟିଏ ଚିଠି ବାହାର କରି ଦେଖାଇବା)

ସୁଚରିତା—ଦେଖି ଆପଣଙ୍କର ସଙ୍କେତଟି…

ସେକ୍ରେଟାରୀ—ସ୍ୱଚ୍ଛନ୍ଦରେ—(ଚିଠିଟି ବଢ଼ାଇ ଦେଇ), ଆହା, ଏକା ଏକା ନୁହେଁ……ସମସ୍ତେ ଉତ୍ସୁକ ମନରେ ରହିଛନ୍ତି ଆପଙ୍କ ଆଡ଼େ । ପଢ଼ନ୍ତୁ, ବଡ଼ ପାଟିରେ ପଢ଼ନ୍ତୁ —ଚିଠିଟି ଆସିଚି କେଉଁଠୁ ?

Digitized by srujanika@gmail.com

ସୁଚନା—"ଅଶୋକ କାନନ" ।

ସେକ୍ରେଟାରୀ—ବେଶ୍ ବେଶ୍ —ହସ୍ତାକ୍ଷରରୁ ବୁଝିପାରୁଥିବ ଲେଖାଟି କାହାର ?

ସୁଚନା—ଉଦୟବାବୁଙ୍କର—

ସେକ୍ରେଟାରୀ—Yes, yes, ବନ୍ଧୁ ପରିଚିତ ହାତଲେଖା···—ଏଥିରେ ତମର କେବେ ଭୁଲ ହେବନ···

ସୁଚନା—ତେବେ ଆପଣ ବର୍ତ୍ତମାନ ଠିକ କରି କୁହନ୍ତୁ ଉଦୟବାବୁ ଆସିଚନ୍ତି ନା ତାଙ୍କର ଏହି ଚଠି ଖଣ୍ଡିକ ।

ସେକ୍ରେଟାରୀ—ଏ ସାମାନ୍ୟ ଚଠି ନୁହେଁ ସୁଚନା ଦେବୀ, ଏତେବଡ଼ ଭୟାବହ ଜନତା ଏକ୍ସପ୍ରେସ୍ ଦୁର୍ଘଟଣାରୁ ରକ୍ଷାପାଇ, ଅକ୍ଷତ ଅବସ୍ଥାରେ ଯେ ସେ ଏ ପର୍ଯ୍ୟନ୍ତ ଆସିଯାଇଚ, ତାହା କ'ଣ ଇତିହାସର ବିଷୟ ହେବା ଉଚିତ ନୁହେଁ—

ସୁଚନା—ଏଠି ଐତିହାସିକ ନେକହି ନାହାନ୍ତି, ସମସ୍ତେ ନାଟକ ଦର୍ଶକ ହିସାବରେ ଉପସ୍ଥିତ ଅଛନ୍ତି । ଆପଣ ଉଦୟ ବାବୁଙ୍କ ବିଷୟରେ ସଠିକ ଖବର ଶୁଣାଇଲେ ସମସ୍ତେ ଆପ୍ୟାୟିତ ହେବେ ।

ସେକ୍ରେଟାରୀ—ସବୁ ଖବର ତ ଆପଣଙ୍କ ହାତରେ, ମୁଁ କମିତ ଶୁଣାଇବି ?

Digitized by srujanika@gmail.com

ସୂଚନା—ତାହେଲେ ସେ ମହାଶୟ ବର୍ତ୍ତମାନ ଏଠାରେ ସଶରୀରେ ଉପସ୍ଥିତ ନାହାନ୍ତି ।

ସେନେହଟାଣୀ—(ଛଠିକୁ ଲକ୍ଷ୍ୟକର) ଦେଖୁନାହାନ୍ତି, ଏବେ ବ ସେ ଅସୁରପୁରୀରେ ଅଶୋକ କାନନ ମଧ୍ୟରେ ବନ୍ଦୀ—

(ମଞ୍ଚ ଅନ୍ଧକାର ହେଲା)

Digitized by srujanika@gmail.com

ଦୃଶ୍ୟାନ୍ତର

□

[ମଞ୍ଚ ଆଲୋକିତ ହେଲାବେଳକୁ ଦେଖାଗଲେ ବିଭିନ୍ନ ବେଶଭୂଷାରେ ବସିଛନ୍ତି କେତେ ଗୁଡ଼ିଏ ଚିକିତ୍ସକ, ବୈଦ୍ୟ ଶିରୋମଣି ପ୍ରହରାଜ, (ତାନ୍ତ୍ରିକ), ଗୁଣିଆସିଂହ, ମନ୍ତ୍ରମନ୍ତ୍ରୀ ପବନ କୁମାର । କିଛିକ୍ଷଣ ପରେ ପ୍ରବେଶ କଲେ ଅଶୋକ ଓ ଉଦୟ]

ଅଶୋକ – ବର୍ତ୍ତମାନ ତୁମେ ବୁଝିପାରୁଚ ସାଧନାର ପ୍ରାଣରକ୍ଷା ପାଇଁ ମୁଁ କୌଣସି ପ୍ରକାର ତ୍ରୁଟି କରି ନାହିଁ ଦେଶର । ଯେଉଁ ସ୍ଥାନରେ ଯେ ପ୍ରକାର ଚିକିତ୍ସକ ପ୍ରସିଦ୍ଧି ଲାଭ କରିଛନ୍ତି ସମସ୍ତଙ୍କୁ ଆଣି ଚିକିତ୍ସାର ବନ୍ଦୋବସ୍ତ କରାଇଲି, କିନ୍ତୁ ନିଜ ଆଖିରେ ଦେଖିଲ ତ ! ଏ ପର୍ଯ୍ୟନ୍ତ କୌଣସି ପ୍ରକାର ପରିବର୍ତ୍ତନ ଘଟିନାହିଁ ।

ଉଦୟ – ତୁମର ତ ସବୁ ବିଷୟରେ ବଡ଼ ଅଜବ ଧାରଣା ଅଶୋକବାବୁ । ଏମାନଙ୍କୁ ଦେଖିଲେ ମୋର ତ ହୃତ୍କମ୍ପ ହେଉଛି ଆଜି ସାଧନା ଏକେତ ନାରୀ, ତାପରେ ରୁଗଣା; ତାର ଅବସ୍ଥା କଣ ହେଉଥିବ ମୁଁ ବେଶ ଅନୁମାନ କରିପାରୁଛି ।

Digitized by srujanika@gmail.com

ଅଶୋକ—ଏକ ହିତଗଦର୍ଶୀ ହୃଅନାହିଁ ଉଦୟ, ସବୁ ବିଦ୍ୟା ପ୍ରତି ସମ୍ମାନ ଦେଖାଇବା ଉଚିତ । ଓଃ, ଏ ପର୍ଯ୍ୟନ୍ତ ପର ତୁମର ଏମାନଙ୍କ ସହିତ ପରିଚୟ ହୋଇନାହିଁ ।

ଉଦୟ—ଖାଲି ପରିଚିତ ହେଲେ ଚଳିବ ନାହିଁ । ରୋଗୀ ବିଷୟରେ ଏହି ବିଜ୍ଞ ଚିକିତ୍ସକମାନଙ୍କର ମତାମତ ମଧ୍ୟ ଗ୍ରହଣ କରିବାକୁ ମୁଁ ପ୍ରସ୍ତୁତ ଅଛି ।

ଅଶୋକ—ନେଶ୍ ! ସେ ହେଉଛନ୍ତି ଏ ଅଞ୍ଚଳର ସୁନାମଧନ୍ୟ ଚିକିତ୍ସକ—

ବୈଦ୍ୟ—ବୈଦ୍ୟ ଶିରୋମଣି ଉପାଧିଧାରୀ—ରଜା ମହାରଜାମାନଙ୍କର ଉଚ୍ଚ ପ୍ରଶଂସିତ ସାର୍ଟିଫିକେଟ୍‌ମାନ ମୋ ପାଖରେ ରହିଛି ଅଛି । ଇଚ୍ଛାକଲେ ଦେଖିପାରନ୍ତି (ଗୋଟିଏ ସାର୍ଟିଫିକେଟ୍ ଦେଖାଇବା) ଅନ୍ୟରେବି ଅପେକ୍ଷା ରଜା ମହାରଜାମାନଙ୍କର ଅନ୍ଦର ମହଲରେ ସ୍ତ୍ରୀମାନଙ୍କର ରୋଗ ଚିକିତ୍ସା କରିବାରେ ମୋର ଏପରି ପାରଦର୍ଶିତା ଥିଲା ଯେ, ରାଣୀ ମହାରାଣୀମାନଙ୍କର ମହଲ ଗାଡ଼ି ସର୍ବଦା ଆମ ଦୁଆରେ ଠିଆ ହୋଇଥାଏ ।

ଅଶୋକ—ହେଉପାଲିଁ ସାଧନାର ରୋଗର ନିଦାନଟା ଏ ମହାଶୟ ଠିକ୍ କରି ପାରିବେ ବୋଲି ମୋର ପୂର୍ଣ୍ଣଭରସା ଥିଲା । କିନ୍ତୁ ଏ ମହାଶୟ ମଧ୍ୟ ମୋତେ ହତାଶ କରିଛନ୍ତି । ଆଉ ସେ ହେଉଛନ୍ତି—ପ୍ରହରାଜ ମହାଶୟ, ଏ ଅଞ୍ଚଳର ଜଣେ ପ୍ରଧାନ ଗୁଣିଆ । ତନ୍ତ୍ର ମନ୍ତ୍ର, ଚନ୍ତ୍ର, ସବୁଥିରେ ସେ ପ୍ରବୀଣ ।

Digitized by srujanika@gmail.com

ପ୍ରହସନ—ବଗଳା, ଅପରାଜିତା, ସୂର୍ଯ୍ୟସ୍ତବ, ବିନାୟକ, ମହାମୃତ୍ୟୁଞ୍ଜୟଆଦି ଦଶ ମହାବିଦ୍ୟାକୁ ମୁଁ ଅନାୟାସେ ଆୟତ୍ତ କରି, ମହା ମହା ବ୍ୟାଧିମାନ ଫୁତ୍କାରି ତନ୍ତ୍ର-ସାହାଯ୍ୟରେ ଉଡ଼ାଇ ଦେଇପାରିବି ।

ଉଦୟ—ଏତେ ଏତେ ବିଦ୍ୟା, ମହା ବିଦ୍ୟାମାନ ପ୍ରୟୋଗ କରି ମଧ୍ୟ ସାଧନାର କିଛି ଉପକାର ହେଲାନାହିଁ ।

ଅଶୋକ—ସେ ମୋ ଭାଗ୍ୟ । ସାଧନାର ପୂର୍ବଜନ୍ମର କର୍ମଫଳ; ସେ ମହାଶୟ ହେଉଛନ୍ତି ଗୁଣିଆସିଂହ—ପ୍ରଧାନ ମାନ୍ତ୍ରିକ ।

ଗୁଣିଆସିଂହ—କାମାକ୍ଷାଦେଶରୁ ବହୁ କଷ୍ଟରେ ସ୍ୱୟଂ ନଡେଇ ଧୋବଣୀ ପିତେଇ ବାଉଲାଣୀଠାରୁ, ବିଦ୍ୟାଲାଭ କରି ତାର ପରାକାଷ୍ଠ । ଏହି ଲୋକମାନଙ୍କୁ ଦେଖେଇ ଦେଇଚି-ଏପାଗର ଗଛ ସେ ପାରିକୁ ଶୂନ୍ୟେ ଶୂନ୍ୟେ ଚଳେଇ ଦେଇଚି; କିନ୍ତୁ ଗୁରୁଙ୍କ ବାରଣ ଥିବାରୁ ଏ ପ୍ରକାର ସ୍ତ୍ରୀଲୋକଙ୍କ ଅଙ୍ଗସ୍ପର୍ଶ କରିବି ନାହିଁ । ତେଣୁ ରୋଗଟା କିଛିଦିନ ଭୋଗ ହେବ ।

ଅଶୋକ—ତଥାପି ଏ ମହାଶୟ ରୋଗୀକୁ ସ୍ପର୍ଶ ନ କରି ମନ୍ତ୍ର ପ୍ରୟୋଗ କରିଥିଲେ ।

ଉଦୟ—ମନ୍ତ୍ର । କମିତି ମନ୍ତ୍ର ?

ହଟମନ୍ତୀ—(ଫୁଲ ଦୁଇଟା ପକାଇ) ବିଧ୍ୱଂସୟ-ବିଧ୍ୱଂସୟ-ନଶୟ ନଶୟ, ବିଦ୍ରାବୟ, ବିଦ୍ରାବୟ, ହନହନ, ଦହଦହ, ମଥ ମଥ, ଦ୍ରବଡ଼ୀ ଦ୍ରାବଡ଼ୀ, ଶବରୀ କରାଳମା ବିଧ୍ୱଂସୟ ବିଧ୍ୱଂସୟ—ଗୁଡ଼ ଗୁଡ଼ ବୋଲି ମୋହର ଆଜ୍ଞା, ଏ ଅଙ୍ଗ

Digitized by srujanika@gmail.com

ଛାଡ଼ ଅନ୍ୟ ଅଙ୍ଗ ଯା— ଫୁତ୍ ଫୁତ୍ ଫୁତ୍—ଏ ତୋ ଗୁରୁର କୋଟି କୋଟି ଆଜ୍ଞା···

ଉଦୟ—ଧନ୍ୟବାଦ ମହାଶୟ । ଆପଣଙ୍କ ଚିକିତ୍ସାରେ ମୋ ମନରେ ଯେଉଁ ସଂଶୟ ରୋଗର ଉଦ୍ରେକ ହୋଇଥିଲା, ତାହା ଇତ୍ୟବସରରେ ଆପଣଙ୍କ ଆଜ୍ଞାବଳରେ ଛାଡ଼ ପଳାଇଛି ।

ଅଶୋକ—ଆଜ୍ଞ, ପବନକୁମାର— ମାନେ ପବନକୁ ନିଜ କବଳରେ ରଖି ପ୍ରାଣାୟାମ ସାହାଯ୍ୟରେ ଅସାଧ୍ୟରୋଗ ସବୁ ଭଲ କରି ଦେଉଛନ୍ତି । ସେ ମହାଶୟ ମଧ୍ୟ ରୋଗୀକୁ ଦେଖିବାକୁ ଆସିଥିଲେ କିନ୍ତୁ, ସେ କହିଲେ ଗୁରୁଙ୍କ ଆଜ୍ଞାବିନା, ସ୍ତ୍ରୀଲୋକ ପ୍ରତି ସେ ଏହି ବିଧାନ ପ୍ରୟୋଗର ପକ୍ଷପାତି ନୁହେଁ— ଆପଣମାନଙ୍କୁ ଧନ୍ୟବାଦ । ଆପଣ ଅନୁଗ୍ରହପୂର୍ବକ ଯେ ଏତେକଷ୍ଟ ସ୍ୱୀକାର କରି ଏଠିକି ଆସିଲେ, ସେଥିପାଇଁ ମୁଁ ଆପଣମାନଙ୍କ ନିକଟରେ ଚିରଋଣୀ ରହିବି । ବର୍ତ୍ତମାନ ଆପଣମାନେ ଆସି ପାରନ୍ତି ।

(ସମସ୍ତଙ୍କର ପ୍ରସ୍ଥାନ)

ଉଦୟ—(ହସିଉଠିଲା) ହସଟାକୁ ଏତେବେଳଯାଏ ବହୁତ କଷ୍ଟରେ ଚାପି ରଖିଥିଲି ଅଶୋକବାବୁ । ଆଉ ପାରିଲି ନାହିଁ । ଦେଖୁଛ ଏମାନଙ୍କ ପ୍ରତି ଆପଣଙ୍କର ଅଟଳ ଭକ୍ତି ।

ଅଶୋକ—ହସିଲେ ଉଡ଼ାଇ ଦେବାର କଥା ନୁହେଁ ଉଦୟ ! ଏହିମାନଙ୍କ ଚିକିତ୍ସା ଉପରେ ଆମର ଗାଁ ହେଉଛି

Digitized by srujanika@gmail.com

ଲୋକମାନଙ୍କର ଏ ପର୍ଯ୍ୟନ୍ତ ଅଟଳ ବିଶ୍ୱାସ ରହିଛି । ଏ ଦେଶର ଲୋକସଂଖ୍ୟା ଅନୁପାତରେ, ଡାକ୍ତରଖାନା ସଂଖ୍ୟା ଯେତେକମ୍, ତା ସାଙ୍ଗକୁ ଔଷଧ ନାହିଁ ତ ଡାକ୍ତର ନାହାନ୍ତି—ସେହି ଅବସ୍ଥାକୁ ସୁଧାରି ରଖିଛନ୍ତି କେବଳ ଏମାନେ ।

ଉଦୟ—ଏ ପଲ୍ଲୀ ସମାଜର ଆବର୍ଜନା ମଧ୍ୟରେ ରହି ତୁମ ମନଟା ମଧ୍ୟ କୁସଂସ୍କାର ବ୍ୟାଧିଗ୍ରସ୍ତ ହୋଇଉଠିଛି ଦେଖୁଛି ।

ଅଶୋକ—ସେ ଯାହାହେଉ, ସାଧନା ବିଷୟରେ ଏବେ କ'ଣ କରାଯାଇପାରେ କୁହତ ?

ଉଦୟ—ସେଥିପାଇଁ ମୋର ମତ ତ ତୁମେ ସ୍ପଷ୍ଟଭାବରେ ଜାଣିଛ ।

ଅଶୋକ—ମୁଁ ଏବେ ମଧ୍ୟ ତୁମର ମତ ବଦଳାଇବା ନିମିତ୍ତ ପରାମର୍ଶ ଦେବି । ତାକୁ ନେଇ ମୁଁ ଯାହା ହେଉଛି । ତା' ପରି ବରଂ ହୁଏ, କିନ୍ତୁ ଜାଣିଶୁଣି ମୁଁ କେବେହେଁ ନାହିଁ ତା ସକାଶେ ତୁମପରି ଜଣେ ଉଦୀୟମାନ ଯୁବକର ଭବିଷ୍ୟତ ଜୀବନ-ନାଟକର ଅକାଳରେ ଯବନିକା ପଡ଼ିଯାଉ ।

ଉଦୟ—ଦେଖନ୍ତୁ ଅଶୋକବାବୁ, ତୁମେ ଜଣେ କବି-ଲେଖକ । ମଣିଷର ଭଲପାଇବାକୁ କେନ୍ଦ୍ର କରି ତୁମେ ହୁଏତ କେତେ କାବ୍ୟ, କବିତା, ନାଟକ, ଉପନ୍ୟାସ ରଚନା କରିଛ— କେତେ ଚରିତ୍ର ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି କରିଛ, କିନ୍ତୁ ସେ-ସବୁ ମଧ୍ୟରେ ସାରବସ୍ତୁ ରୂପେ ଯେଉଁ ଜିନିଷକୁ ପାଠକ-

Digitized by srujanika@gmail.com

ମାନଙ୍କ ଆଗରେ ବାଢ଼ିଛ, ତାହା ଏଣ୍ଣ ପ୍ରକୃତ ଭଲ ପାଇବାଟି ନୁହେଁ କି ?

ଅଶୋକ—ପ୍ରକୃତରେ ଉଦୟବାବୁ, ମୁଁ ତୁମ ଆଗରେ ଆଜ ମୁକ୍ତ କଣ୍ଠରେ ସ୍ୱୀକାର କରୁଛି, ସାଧନା ଆଜ ମୋତେ ସାହିତ୍ୟର ଦ୍ୱାର ଦେଶରେ ପହଞ୍ଚାଇ ଦେଇ ପାରିଛି ।

ଉଦୟ—ସେହି ସୌଭାଗ୍ୟରୁ ମୋତେ ମଧ୍ୟ ବଞ୍ଚିତ କରନ୍ତୁ ନାହିଁ ଅଶୋକବାବୁ ! ଆପଣ ଜାଣନ୍ତି, ମେଡ଼ିକାଲ କଲେଜରେ ମୋର ଯେଉଁ ଏତେବର୍ଷ ଧରି ସାଧନା, ତାହା କାହାପାଇଁ ଏବଂ କାହାର ପ୍ରେରଣାର ମୂଳରେ କିଏ—ସେହି ସାଧନା ଦେବୀ !

(ଅନ୍ତରାଳରୁ ଗୋଟିଏ ସ୍ତ୍ରୀ ଲୋକର ଚିତ୍କାର ଶୁଣାଗଲା)

ଅଶୋକ—ଦେଖ ପୁଣି କି କାଣ୍ଡ ହେଲା······

(ଦୁହେଁ ସବ୍ୟସ୍ତେ ପ୍ରସ୍ଥାନ । କିଛିକ୍ଷଣ ପରେ ପୁନଃର୍ବାର ପ୍ରବେଶ)

ଅଶୋକ—ଦେଖିଲ ତ, ସମୟ ସମୟ ଏ ପ୍ରକାର ଚିତ୍କାର ଓ ଏହି ଚିତ୍କାରର ମାତ୍ରାଟା ଯଦି ବେଶିକ୍ଷଣ ସ୍ଥାୟୀ ହୁଏ, ତା ହେଲେ ସଙ୍ଜ୍ଞାହୀନ ହୋଇପଡ଼େ ।

Digitized by srujanika@gmail.com

ଉଦୟ—ଏଥର କୌଣସି ଟ୍ରିଟମେଣ୍ଟ ପୂର୍ବରୁ ମୁଁ ତୁମକୁ କହିବି ଆସୁଚି ଗୋଟିଏ ଚେଞ୍ଜ ପାଇଁ ।

ଅଶୋକ—ଏ ପ୍ରକାର patientକୁ ଧରି ମୁଁ ଏକା କେଉଁଆଡ଼େ ଯିବି, ସେଇଆ ଭାବୁଚି । ପୁଣି ସର୍ବୋପରି ଆମର ଅବସ୍ଥା ପ୍ରତି ଦୃଷ୍ଟି ଟା ଏଡ଼େଇ ଦେଲେ ଚଳିବ ନାହିଁ ।

ଉଦୟ—ତା'ର ଗୋଟାଏ ବ୍ୟବସ୍ଥା କର–ହୁଏତ ଏଇ ଦୁଇତିନି ଦିନ ମଧ୍ୟରେ—ସାଙ୍ଗରେ ମୁଁ ମଧ୍ୟ ଯିବି ।

(ସାଧନାର ପ୍ରବେଶ)

ସାଧନା—ତୁମେ ଚାଲିଗଲେ ଶୁଣିଯାଉଚି ଉଦୟବାବୁ—

ଉଦୟ—ତୁମେ ପୁଣି ଉଠି ଆସିଲ ସାଧନା······ମୁଁ ପରା ତୁମକୁ କିଛି ସମୟ ଶୋଇ ରହିବାକୁ କହି ଆସିଥିଲି ।

ସାଧନା—ଭାବିଥିଲି ମୋତେ ଏମିତି ଶୁଆଇ ଦେଇ ତୁମେ ଭାଇଙ୍କ ପାଖରେ ତୁମର ପ୍ରସ୍ତାବଟାକୁ ପାଶ୍ କରାଇ ନେଇ ନିର୍ବିଘ୍ନରେ ବିଦାୟ ନେଇଥାନ୍ତ ।

ଉଦୟ—ଦେଖ, କିଛି ସମୟ ପାଇଁ ତୁମେ କଥାବର୍ତ୍ତା ନ କରିବା ଭଲ ।

ସାଧନା—କାହିଁକି; ତୁମକୁ ଭଲ ଲାଗୁନାହିଁ ବୋଧହୁଏ !

ଉଦୟ—ନାଁ, ଏହି ଅଳ୍ପ ସମୟ ତଳେ ଗୋଟାଏ attack ହୋଇଥିଲା···

Digitized by srujanika@gmail.com

ଅଶୋକ—ଭୟ ନାହିଁ ? ଉଦୟବାବୁ ଥରେ ଭଲ ହୋଇଗଲା ପରେ ତାର କିଛି ସମୟ ବଢିଯାଉଚି; till another attack. ବିଶେଷତଃ ମୁଁ ଲକ୍ଷ୍ୟ କରିଚି ତୁମ ସାଙ୍ଗରେ କଥା ହେଲାବେଳେ । କୌଣସି ଢଙ୍ଗ ତାର ରୋଗର ଉପସର୍ଗ ସହିତେ ଦେଖା ଦିଏ ।

ସାଧନା—ହଁ ଉଦୟବାବୁ, ଆପଣଙ୍କ ନାଟକର ହିରୋଇନ୍ ଟି କିଏ ?

ଉଦୟ—ନାଟକ ? ହିରୋଇନ୍ ?

ସାଧନା—କ'ଣ ଆପଣଙ୍କ ପାଇଁ ମୂର୍ଚ୍ଛା ରୋଗର ଚିକିତ୍ସା ଦରକାର ?

ଉଦୟ—ମୁଁ ତ କିଛି ବୁଝିପାରୁନାହିଁ ଅଶୋକବାବୁ !

ଅଶୋକ—ଆରେ, ତମ କଲେଜରେ ମୋର ଯେଉଁ ନାଟକ ହେବାର ଏଥି, ସେ ବିଷୟରେ ମୁଁ ଦିନେ କଥା ପ୍ରସଙ୍ଗରେ ସାଧନାକୁ କହିଥିଲି ।

ଉଦୟ—ଓଃ ! ସେ ନାଟକ ବିଷୟରେ ପଚାରୁଚ ସାଧନା; ଆମର କଥାନେଇ ତୁମର ଭାଇ ଲେଖିଛନ୍ତି ସେ ନାଟକ । ଦେଖୁଚ, ସେ ନାଟକର ନାୟକ ଭୂମିକାରେ ଅଭିନୟ କରିବାର ସୁଯୋଗଟା ଏଥର ହରାଇବାକୁ ପଡ଼ିବ ।

ସାଧନା—ତା ସଙ୍ଗେ ସଙ୍ଗେ ନାୟିକାଟି ମଧ୍ୟ ଅଭିନୟରେ ଅଂଶ ଗ୍ରହଣ ନ କରିବାକୁ ଦୃଢ଼ ପ୍ରତିଜ୍ଞ ହୋଇ ବସିଚନ୍ତି— ଆପଣଙ୍କ ପାଇଁ ।

Digitized by srujanika@gmail.com

ଉଦୟ—ମାନେ ?

ସାଧନା—ଅତି ସହଜ—ତୁମେ ପ୍ରେମ ନ କଲେ ସେ ପ୍ରେମ କରିବେ ନାହିଁ ।

ଉଦୟ—ଅର୍ଥାତ୍—

ସାଧନା—ଭାଇଙ୍କ ଉତ୍ତର, ତାଙ୍କର ସାହିତ୍ୟିକ ଦୃଷ୍ଟିରେ ତା ଭିତରୁ ଯଦି କିଛି ସୂକ୍ଷ୍ମ ତଥ୍ୟ ଆବିଷ୍କାର କରି ପାରୁଥିବେ ।

ଅଶୋକ—ସାଧନା କଣ ଯେ ଏଣୁତେଣୁ କହିବାକୁ ଆରମ୍ଭ କରୁଛୁ—ଚାଲ ତେଣେ···

ସାଧନା——ଯାଉଚି ଭାଇ । ଖାଲି ଉଦୟବାବୁଙ୍କଠାରୁ ଗୋଟାଏ ଉତ୍ତର ଅପେକ୍ଷାରେ ରହିଲି । କଣ କହୁଛନ୍ତି ଉଦୟ-ବାବୁ ?

ଉଦୟ—ତୁମେ ଶୋଇ ଶୋଇ ସ୍ୱପ୍ନ ଦେଖୁ ନ ଥିଲ ତ ସାଧନା ?

ସାଧନା—ବେଶ୍, ଏଇ ନିଅନ୍ତୁ, ଆପଣଙ୍କ କଲେଜର ଡ୍ରାମା ସୋସାଇଟିର ସେକ୍ରେଟାରୀଙ୍କର ଏଇ ଚିଠି ଖଣ୍ଡିକ । ଆଗ୍ରହର ଆତିଶଯ୍ୟରୁ ଖୋଲି ଦେଇଚି—କ୍ଷମା କରିବେ । ବର୍ତ୍ତମାନ ବୁଝିପାରୁଥିବେ ମୁଁ ସ୍ୱପ୍ନ ଦେଖୁଥିଲି କି ନାହିଁ—

ଅଶୋକ—କିଏ କଣଟେ ଲେଖିଛି—ସେଥିରେ ତୋର କ'ଣ ଅଛି ?

ସାଧନା—ସେଇ କଥାଟା ଉଦୟବାବୁ କହନ୍ତୁ । କଣ ଉଦୟବାବୁ ସୁଚନ୍ଦ୍ରା ଦେବୀଙ୍କୁ କଣ ଚହ୍ନନ୍ତି ନାହିଁ···

Digitized by srujanika@gmail.com

ଉଦୟ—ହଁ, ସେ ମୋ ସାଙ୍ଗରେ ପଢ଼ନ୍ତି ।

ସାଧନା—ବେଶ୍; ଏଇଥର ସେକ୍ରେଟାରୀଙ୍କର ଏଇ ଚଟି ଖଣ୍ଡିକ ଆମୂଳଚୂଳ ପାଠକରି ମୋତେ କହିବେ । ମେଡ଼ିକାଲ୍ କଲେଜରେ ଆପଣଙ୍କର ସାଧନାକୁ ହରାଇ ବସିନାହାନ୍ତି ତ ?

(ପ୍ରସ୍ଥାନ)

(ଦୁହେଁ ଅବାକ୍ ହୋଇ ରହିଁଲେ.... ମଞ୍ଚ ଅନ୍ଧକାର ହୋଇଗଲା)

Digitized by srujanika@gmail.com

ଦୃଶ୍ୟାନ୍ତର

□

[ମଞ୍ଚ ଆଲୋକିତ. ହୋଟେଲକୁ ଦେଖାଗଲା ସୁଚନ୍ଦା ହାତରେ ଚିଠି ଖଣ୍ଡିକ ପୂର୍ବବତ୍ ରହିଛି । ଚିଠିରୁ ମୁହଁ ଫେରାଇ···]

ସୁଚନ୍ଦା—ଛି, ଛି, ଛି । ଏତେ ସବୁ ଅସଭ୍ୟ, ବର୍ବର ଏହି ଲୋକଗୁଡ଼ାକ !

ସେକ୍ରେଟାରୀ—ଏ ଅଭିଯୋଗଟା ଆପଣଙ୍କର କାହା ଉପରେ ?

ସୁଚନ୍ଦା—ଆପଣଙ୍କ ଉପରେ, ଆପଣଙ୍କ ଡ୍ରାମା ସୋସାଇଟି ଉପରେ, ଆପଣଙ୍କ କଲେଜ ଉପରେ, Last of all ଆପଣଙ୍କ କଲେଜର ସେହି Jewel ଉଦୟବାବୁଙ୍କ ଉପରେ ।

ସେକ୍ରେଟାରୀ—ଥାଉ, ଥାଉ; ବେଶି ଶପୁଡ଼ା ହୋଇଗଲା—

ସୁଚନ୍ଦା—ମାନେ ?

ସେକ୍ରେଟାରୀ—ଲେମ୍ବୁ ।

ସୁଚନ୍ଦା—ମାନେ ?

ସେକ୍ରେଟାରୀ—Too much a thing.—

ସୁଚନ୍ଦା—କଥାଟାକୁ କଏ too much କଲା ?

ସେକ୍ରେଟାରୀ—ଆପଣ ?

ସୁଚନ୍ଦା—ନା, ନା, ଆପଣ ନୁହଁନ୍ତି । ଆପଣ କହନ୍ତୁନା, ମୋ ବିଷୟରେ ଚର୍ଚ୍ଚା ପଡ଼ିଲା କିପରି ସେହି ଅଖ୍ୟାତ ପଲ୍ଲୀର ଅଶୋକ କାନନରେ ।

ସେକ୍ରେଟାରୀ—ତୁଳସୀ ଦୁଇପତରୁ ବାସେ, ସୁଚନ୍ଦା ଦେବୀ !

ସୁଚନ୍ଦା—ମାନେ ?

Digitized by srujanika@gmail.com

ସେକ୍ରେଟାରୀ—ମାନେ ଆପଣଙ୍କର ଯଶକୀର୍ତ୍ତି - ଏବ୍ଲ ଡ୍ରାମା ସୋସାଇଟି ନୁହେଁ, ଏବ୍ଲ ମେଡ଼ିକାଲ୍ କଲେଜ ନୁହେଁ, ଏବ୍ଲ ସହରର ସୀମା ସରହଦ ଲଙ୍ଘି ବ୍ୟାପିଗଲାଣି ସେକ୍ସ ପଲ୍ଲୀର ଅଶୋକ କାନନ ପର୍ଯ୍ୟନ୍ତ ।

ସୁରେଖା—ଆପଣଙ୍କୁ ଲଜ୍ଜା ଲାଗେନା, ଏହାକୁ condemn ନ କରି ଏହାର ପ୍ରଶସ୍ତି ଗାଉଛନ୍ତି ।

ସେକ୍ରେଟାରୀ No, No, Not the least, ଲଜ୍ଜା କରିବାର ଏଥିରେ କିଛି ନାହିଁ ସୁରେଖା ଦେବୀ, ବରଂ ଗୌରବ ଅନୁଭବ କରିବାର ଯଥେଷ୍ଟ କାରଣ ଅଛି । ଏତେ ବଡ଼ ବିରାଟ ଜନପଦରେ ଆପଣଙ୍କର ଯଶୋଗୁଣର ଯେପରି ଅନାୟାସରେ ପରିବ୍ୟାପ୍ତି ଘଟିଛି, ଆପଣ ହୁଏତ ଆସନ୍ନା ଇଲେକ୍ସନ୍‌ରେ ଭାରତ ପାର୍ଲିଆମେଣ୍ଟରେ ସଭ୍ୟପଦ ପାଇଁ ଯଦି ପ୍ରତିଯୋଗିତା କରିବେ, ନିଶ୍ଚୟ ନିର୍ଦ୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବେ ।

ସୁରେଖା—Don't be silly ସେକ୍ରେଟାରୀବାବୁ ! ଆପଣ ମନେ-ରଖନ୍ତୁ ଆମର ଗୋଟାଏ ଆତ୍ମସମ୍ମାନ ଅଛି । ଆପଣଙ୍କ ଡ୍ରାମାରେ ପାର୍ଟ କରୁଚୁ ବୋଲି, ଆପଣମାନେ ଆମମାନଙ୍କୁ ଯାହା ତାହା ବୋଲି ଭାବିବେ ନାହିଁ ।

ସେକ୍ରେଟାରୀ—No, No ସୁରେଖା ଦେବୀ, with all seriousness I consider you as an actress and that in the true sense of the term.

ସୁରେଖା—ଅଭିନୟ କରିବା କ'ଣ ଭୁଲ ?

ସେକ୍ରେଟାରୀ—ମୋଟେ ନୁହେଁ, ଅଭିନୟ କରିବା ଭୁଲ ନୁହେଁ କି ଡ୍ରାମାରେ ହିରୋଇନ୍ ହେବା ମଧ୍ୟ ମୋଟେ ଭୁଲ ନୁହେଁ ।

Digitized by srujanika@gmail.com

ସୁଚରିତ -- ତା ହେଲେ ଏତେ Remark pass କରିବାର କ'ଣ ଆବଶ୍ୟକ ?

ସେକ୍ରେଟାରୀ—କଏ, କି Remark କଲି ?

ସୁଚରିତା—ଚିଠିଟା ' ପଢ଼ି ଦେଖନ୍ତୁ; ଆପଣ ହଦୟବାବୁଙ୍କୁ ଦେଇଥିବା ଚିଠି ଏସବୁ ବିଭ୍ରାଟର ମୂଳରେ । ଆପଣ କୁହନ୍ତୁନା ଦେଖି ଉଦୟବାବୁଙ୍କ ସହିତ କେବେ ମୋର କୌଣସି ସମ୍ବନ୍ଧ ଥିଲା ?

ସେକ୍ରେଟାରୀ—ଅତୀତରେ ନ ଥିଲା, ବର୍ତ୍ତମାନରେ ସେପରି କିଛି ଘନିଷ୍ଠତା ହୁଏତ ନାହିଁ କିନ୍ତୁ ଭବିଷ୍ୟତରେ କୌଣସି ସମ୍ବନ୍ଧ ନ ହେବ, ଏ ବିଷୟରେ କିଏ ଗ୍ୟାରେଣ୍ଟି ଦେଇ କହିପାରିବ ?

ସୁଚରିତା—Oh ! I see, you are the root of all the trouble ! କହନ୍ତୁ ମୋ ବିଷୟରେ ଆପଣଙ୍କର କ'ଣ ଧାରଣା···?

ସେକ୍ରେଟାରୀ—କଥାଟା ବଡ଼ ପର୍ସନାଲ ହୋଇଯାଉଛି ସୁଚରିତା-ଦେବୀ !

ସୁଚରିତା—I do not mind, ଆପଣଙ୍କୁ କିନ୍ତୁ କହିବାକୁ ହେବ ।

ସେକ୍ରେଟାରୀ—ଏତେଗୁଡ଼ାଏ ଭଦ୍ରଲୋକ ଓ ଭଦ୍ରମହିଳାଙ୍କ ଆଗରେ—

ସୁଚରିତା—Still I do not mind.

ସେକ୍ରେଟାରୀ—ବେଶ୍, ତେବେ କହୁଛି ଶୁଣ···

(ମଞ୍ଚ କ୍ରମେ ଅନ୍ଧକାର ହୋଇଗଲା)

Digitized by srujanika@gmail.com

ଦୃଶ୍ୟାନ୍ତର

□

(ଅଶୋକ କାନନର ପୂର୍ବ ଦୃଶ୍ୟ)

ଉଦୟ—ଶୁଣ ସାଧନା, ମୋ କଥାଟାକୁ ଆଗ ଶୁଣିଯାଅ ।

ସାଧନା—ଆଜି କ'ଣ ଅଧିକା ଶୁଣେଇବ ?

ଉଦୟ—ସୁଚନ୍ଦ୍ରା ବିଷୟରେ ଏବେ ମଧ୍ୟ ତୁମେ କିଛି ଜାଣିନାହଁ ।

ସାଧନା—ବାଃ, ତୁମେ ପରା ଏଇକ୍ଷଣି କହିଲ, ସେ ତୁମର ସହପାଠିନୀ !

ଉଦୟ—ଖାଲି ସେତିକରେ ତାର ପରିଚୟ ସମ୍ପୂର୍ଣ୍ଣ ହୋଇଗଲା ନାହିଁ ସାଧନା ।

ସାଧନା—ସେତିକ ମୋ ପକ୍ଷରେ ଯଥେଷ୍ଟ, ଆଉ ମୋର ବେଶୀ ଜାଣି ଲାଭ ନାହିଁ ।

ଉଦୟ—କିନ୍ତୁ ମୋର ବର୍ତ୍ତମାନ ବେଶୀ କିଛି ଜଣାଇବା ନିହାତି ଜରୁରୀ ହୋଇ ପଡ଼ିଛି ।

ସାଧନା—ସୁଚନ୍ଦ୍ରା ସହିତ ତମର ପରିଚୟଟା ଅଳ୍ପ କେତେଦିନର ନୁହେଁ, ନିଶ୍ଚୟ !

ଉଦୟ—ନା, କଲେଜରେ ଭର୍ତ୍ତି ହେଲା ଦିନଠୁ ।

ସାଧନା—ଏତେ ବର୍ଷଧରି ତୁମେ କ'ଣ ସମୟ ପାଇ ନ ଥିଲ ମୋତେ କୌଣସି ଆଭାସ ଦେବାପାଇଁ ।

ଉଦୟ—ନା; ତା ଠିକ୍ ନୁହେଁ, ତାର କୌଣସି ଆବଶ୍ୟକତା ନଥିଲା ବୋଲି ତୁମକୁ କହି ନ ଥିଲି ।

ସାଧନା—ଏବେ ବା ତା'ର କଣ ଆବଶ୍ୟକତା ଅଛି ?

ଉଦୟ—ତୁମର ସନ୍ଦେହୀ ମନଟା ସନ୍ଦେହର କୁହୁଡ଼ି ଭିତରେ ଯେପରି ପଥହରା ନ ହୁଏ ।

Digitized by srujanika@gmail.com

ସାଧନା—ତେବେ ବା ତୁମର ତ ସେଥିପାଇଁ କଷ୍ଟ ଷତି ହେବ ନାହିଁ ।

ଜୟନ୍ତ—ଆଣ୍ଠୁଗଣ୍ଠି ଛୁଣ୍ଡି ଯନ୍ତ୍ରଣା ଭୋଗ କରିବ ।

ସାଧନା—ତା'ହେଲେ ମଧ୍ୟ ତୁମପରି ଡାକ୍ତରଙ୍କୁ ଚିକିତ୍ସାପାଇଁ ହାଇରାଣ କରିବାର ଆବଶ୍ୟକତା ହେବ ନାହିଁ ।

ଜୟନ୍ତ—ସାଧନା !

ସାଧନା—ପରିଚୟଟାକୁ ଗୋପନ କରିବାରେ ନିଶ୍ଚୟ ତୁମର କିଛି ସ୍ୱାର୍ଥ ଥିଲା ?

ଜୟନ୍ତ—କଥାଟାକୁ ଶୁଣିସାରି ସ୍ୱାର୍ଥର ସନ୍ଧାନ କର ସାଧନା । ମୁଁ ଏବେ ମଧ୍ୟ ଯୋରକରି କହୁଚି ସୁଚିତ୍ରାକୁ ତୁମେ ଭଲକରି ଜାଣି ନାହଁ ।

ସାଧନା—ସେ ତୁମର ସହପାଠିନୀ—ମାନେ Class friend—ମାନେ ବନ୍ଧୁ-ବହୁ ପରିଚିତ ବନ୍ଧୁ ! ତୁମ ସହିତ କ୍ଲାସରେ କେବଳ compete କରୁ ନାହାନ୍ତି, ଜୀବନରେ ମଧ୍ୟ ତୁମ ସହିତ compete କରିବାକୁ ତାଙ୍କର ଇଚ୍ଛା । ଏଣ୍ଡ କଣ ତୁମ ମହାଭାରତର କ୍ଷୁଦ୍ର ଭୂମିକା ନୁହେଁ ସୁଚିତ୍ରା ।

ଜୟନ୍ତ—ତୁମ କଥା ଶୁଣି ମୋର ଜଣେ ବିଖ୍ୟାତ କବିଙ୍କର କଥା ମନେ ପଡୁଚି । woman ! Thy name is Jelousy.

ସାଧନା—ଜୟନ୍ତବାବୁ !

ଜୟନ୍ତ—ତାହାଁ ସୁଚିତ୍ରା ଆଉ କାହାଁ ସାଧନା—ଦୁହିଁଙ୍କର ଦୁହିଁଙ୍କ ବିଷୟରେ ଧାରଣା କେତେ ଅସ୍ପଷ୍ଟ, ତଥାପି ଦୁହିଁଙ୍କ ମଧ୍ୟରେ competationଟା କେତେ ସ୍ପଷ୍ଟ ।

Digitized by srujanika@gmail.com

ସାଧନା—ମୁଁ competationରେ ହାରିଯାଇଛି ଉଦୟବାବୁ, ଆପଣ ଆଜ ଫେରି ଯାଆନ୍ତୁ ।

ଉଦୟ—କେଉଁଠିକି ?

ସାଧନା—ସଂସାରର ରଙ୍ଗମଞ୍ଚ ଉପରେ, ଯେଉଁଠାରେ କି ଉତ୍କଣ୍ଠା ମନରେ ବୁଝିଁରହିଛି ସୁଚରିତା, ବିଜୟର ଟୀକା ପିନ୍ଧାଇ ଦେବ ତାର ମସ୍ତକରେ ।

ଉଦୟ—ଏତେ ଚଞ୍ଚଳ ହାରି ମାନିଗଲ ସାଧନା ।

ସାଧନା—ଗୋଟାଏ ଅବସମ୍ଭାବୀ ସଂଘର୍ଷକୁ ଏଡ଼ାଇବା ପାଇଁ ।

ଉଦୟ—ତୁମର ଏ ସ୍ୱାର୍ଥ ତ୍ୟାଗ ମଧ୍ୟରେ ଦୁର୍ବଳତାର ଚିହ୍ନ ଥିବାରୁ ଯଥାଯୋଗ୍ୟ ପ୍ରଶଂସା ଦେଇପାରୁ ନାହିଁ ।

ସାଧନା—ଧନ୍ୟବାଦ । (ପ୍ରସ୍ଥାନ ଉଦ୍ୟତ)

ଉଦୟ—ସାଧନା !

ସାଧନା—କଣ କିଛି ବିଶେଷ ଦରକାର ଅଛି ।

ଉଦୟ—ମୁଁ ଏଥିପାଇଁ କହୁଥିଲି କଟକ ଗଲାବେଳକୁ ତୁମେ ଯଦି ମୋ ସାଥିରେ ଯା'ନ୍ତ... ।

ସାଧନା—ସୁଚରିତା ଦେବୀଙ୍କ ସହିତ ସାକ୍ଷାତ କରାଇ ଦିଅନ୍ତ ନିଶ୍ଚୟ ?

ଉଦୟ—ସେଥିରେ ଭୁଲ ଦେଖୁନ୍ତ ନାହିଁ ।

ସାଧନା—ସେ ଭୁଲ ଅନ୍ତତଃ ମୋଆଡ଼ୁ ମୁଁ କରିବାକୁ ଦେଉନାହିଁ ।

ଉଦୟ—ତାହାହେଲେ ସବୁ ଭୁଲ ହୁଏତ ଅଳ୍ପକରେ ସୁଧାରି ହୋଇଯାଆନ୍ତା । ତୁମେ ଦେଖୁନ୍ତ ସୁଚରିତା, ଜଣେ ବିଖ୍ୟାତ ବାରିଷ୍ଟରଙ୍କର ଏକମାତ୍ର କନ୍ୟା ହିସାବରେ ଯେତିକି ଅହଂକାର ଅଛି, ତାଠୁ କୌଣସି ଗୁଣରେ କମ୍ ନୁହେଁ ଅପରର ଗୁଣ ଗ୍ରହଣ କରିବାକୁ ।

Digitized by srujanika@gmail.com

ସାଧନା—ସେଇ କଥା ତ ମୁଁ ଭଲ ଭାବରେ ବୁଝିପାରୁଚି ଉଦୟବାବୁ । ସେ ତୁମ ଗୁଣରେ ମୁଗ୍‌ଧା, ଆଜି ତୁମେ ମଧ୍ୟ ତାଙ୍କ ଗୁଣରେ ମୁଗ୍‌ଧ । ତୁମ ଦୁହିଁଙ୍କ ମଧ୍ୟରେ ପ୍ରତିବନ୍ଧକ ରୂପେ ମୁଁ ରହିବାକୁ ଚାହେଁ ନାହିଁ ।

(ଅଶୋକର ପ୍ରବେଶ—ହାତରେ ଗୋଟାଏ ଟେଲିଗ୍ରାମ)

ଅଶୋକ—ଦେଖୁଚ ଉଦୟ, ତୁମକୁ ଏଠାରେ ରଖାଇ ଦେବେ ନାହିଁ । ଏଇ ନିଅ ତୁମର ଟେଲିଗ୍ରାମ···

ଉଦୟ—(ଖୋଲି) ଡ୍ରାମା ସୋସାଇଟିର ସେକ୍ରେଟାରୀଙ୍କଠାରୁ; ଯେମିତି ହେଲେ ପ୍ଲେ ଦିନକୁ ମୁଁ ସେଠାରେ ଯାଇ ପହଞ୍ଚିବ ।

ସାଧନା—ମୁଁ ମଧ୍ୟ ସେକ୍ରେଟାରୀଙ୍କ କଥାକୁ ସମର୍ଥନ କରି କହୁଚି, ତାଙ୍କର ଯିବାଟା ନିହାତି ଦରକାର । ଭାଇ, ତାଙ୍କପାଇଁ ଆଜି ଯିବାର ବ୍ୟବସ୍ଥା କରିଦିଅ ।

ଅଶୋକ—ହଠାତ୍ ତୋର ଏ ପ୍ରସ୍ତାବ ?

ସାଧନା—ହଠାତ୍ ମୋର କହିବାଟା ହୋଇପାରେ, କିନ୍ତୁ ପ୍ରସ୍ତାବଟା ପୂର୍ବ ପ୍ଲାନ ଅନୁସାରେ ।

ଅଶୋକ—ମାନେ ?

ସାଧନା—ଡ୍ରାମା ହେବାର ପରିକଳ୍ପନାଟା ତ ହଠାତ୍ ନୁହେଁ, କି ଉଦୟବାବୁଙ୍କର ଅଭିନୟ କରିବାର ପ୍ରସ୍ତାବଟା ହଠାତ୍ ନୁହେଁ···

ଉଦୟ—ଟେଲିଗ୍ରାମ ଫର୍ମ ଅଛି ଅଶୋକବାବୁ ?

ଅଶୋକ—ହଁ, ତାଙ୍କୁ ଗୋଟେ ରିପ୍ଲାଇ ଦେଇଦିଅ । କାହିଁକି ମିଛରେ ସେମାନେ ଅପେକ୍ଷା କରି ବସିବେ । ତୁମ ଯିବାଟା ଏବେ ଚଞ୍ଚଳ ହେଉନାହିଁ ।

Digitized by srujanika@gmail.com

ଜୟନ୍ତ—ନା-ନା ଅଶୋକବାବୁ, ଚଞ୍ଚଳ, ଖୁବ୍ ଚଞ୍ଚଳ । ଫର୍ମଟା କେଉଁଠି ଅଛି କହିଲେ ସୁଖୀ ହେବ ।

ଅଶୋକ— ଦେଖ, ଶୋଇଲାଘର ଟେବୁଲ ଉପରେ ।

ଜୟନ୍ତ – Thank you.

ଅଶୋକ—ସାଧନା ! ତୁମର ସେଇ ସୁଚନା, ସେହେତୁ ଆଜ ଅଭିମନ୍ୟୁ କଥା ସରିନାହିଁ ବୋଧହୁଏ ।

ସାଧନା—ହୁଁ, ମୋ-ପାଁସାଙ୍କର ସର୍ଟଷ୍ଟୋରି ନୁହେଁ ଭାଇ ! ରେମାରେଲ୍ଙ୍କର ଉପନ୍ୟାସ ।

ଅଶୋକ—ମୁଁ ମୋ ପାଁସା କ ରେମାରେଲ୍ଙ୍କ କଥା ପଚାରୁ ନାହିଁ । ମୁଁ ଡାକ୍ତର ଜୟନ୍ତବାବୁଙ୍କ କଥା ପଚାରୁଚି ।

ସାଧନା—ତାହେଲେ ସେ ଘରକୁ ଯାଅ, ମନ୍ତ୍ରର ବୁଝିନେବ ।

ଅଶୋକ—ସାଧନା !

ସାଧନା—ଡେରି କରନାହିଁ ଭାଇ । ଜୟନ୍ତବାବୁ ଯେମିତି ଭାବ-ପ୍ରବଣ ଲୋକ, ହୁଏତ ଟେଲିଗ୍ରାମ କରିବା ପରେ ପରେ ସୁଟ୍କେଶ ହାତରେ ଧରି ବାହାରି ପଡ଼ିବେ ସିଧାସଳଖ ଷ୍ଟେସନକୁ ।

ଅଶୋକ—ଯାଉ, ଯିବାଟା ଯଦି ଉଚିତ ମନେକରିବ ସେ ଯିବ । ମୁଁ ବା ଅଟକାଇବ କାହିଁକି ? ସେ ବା ମୋ କଥା ଶୁଣିବ କାହିଁକି ? ସେ ତ ଆଜ ମୋପାଇଁ ଆସି ନ ଥିଲେ ।

ସାଧନା—ମୋ ପାଇଁ ଆସିଥିଲେ ନା ଭାଇ ? ମୋଟି ତାଙ୍କର ନାମ ସରିଯାଇଛି ।

ଅଶୋକ—ସାଧନା, ଏବେ ପର୍ଯ୍ୟନ୍ତ ତୁ ଜୟନ୍ତବାବୁଙ୍କୁ ଚିହ୍ନି ପାରିଲୁ ନାହିଁ ।

Digitized by srujanika@gmail.com

ସାଧନା—ଶୁଣିଛ ଭାଇ । ମୁଁ ଯେଉଁ ଉଦୟବାବୁଙ୍କୁ ଚିହ୍ନିଥିଲି ସେ ଉଦୟବାବୁ ମେଡ଼ିକାଲ କଲେଜର ଅବହାଓ୍ୱା ମଧ୍ୟରେ ହଜି ଯାଇଚନ୍ତି ।

ଅଶୋକ—କ୍ଷଣିକର ଉତ୍ତେଜନାର ବଶବର୍ତ୍ତୀ ହୋଇ ତୁ ଅତୀତର କଥାସବୁ ଏକାବେଳକେ ଭୁଲି ଯାଉଛୁ ସାଧନା ! ଉଦୟବାବୁ ଆମପାଇଁ ନ କରିଛନ୍ତି କ'ଣ ?

ସାଧନା—ମନେଅଛି ଭାଇ, ଗୋଟି ଗୋଟି କରି ସବୁ ମନେଅଛି । ସେ ବର୍ଷ କ୍ଷ ସର୍ବନାଶୀ ଦେବତାର ସଙ୍କେତ ମିଳିଲା କେଜାଣି, କୋଳର ପୁରୁଣା ରୋଗଟା ବଢ଼ି ବଢ଼ି ଚାଲିଥାଏ । ହଠାତ୍ ବାପା ଖବରକାଗଜ ପୃଷ୍ଠାରେ ବଡ଼ ବଡ଼ ଅକ୍ଷରରେ ଖବର ବାହାରିବାର ଦେଖିଲେ ଯେ, ଭନ୍ତଲେଇର ନେପାଳି ବାବାଙ୍କର ଅଦ୍ଭୁତ ଦୈବୀ ଶକ୍ତିର ପରାକାଷ୍ଠା ବିଷୟ । ପ୍ରଥମେ ମନରେ ସନ୍ଦେହ ଜନ୍ମିଥି.., କିନ୍ତୁ କ୍ରମେ ସେ ସନ୍ଦେହ ଦୂର ହେଲା । ଯେତେବେଳେ ଖବର କାଗଜ ପୃଷ୍ଠାରେ ବଡ଼ ବଡ଼ ଲୋକଙ୍କର ପ୍ରଶସ୍ତି ଛପାହେଲା, ବିଶାଳ ଭାରତର ବିଭିନ୍ନ ସ୍ଥାନରୁ ଲୋକ ଆସିଲେ । ଲୋକସମୁଦ୍ରର ଢେଉ ଆସି ବାଜିଲା ଆମର ଗାଁ ପାଖରେ । ବାପା ବାହାରିଲେ, କୋଳ ଆଉ ମୋତେ ସାଙ୍ଗରେ ଧରି ।

ଅଶୋକ—ସେ କଥା ମନେପକାଇ ଲାଭ ନାହିଁ ସାଧନା ।

ସାଧନା—ଦେଖ ଭାଇ, ମୁଁ ଠିକ୍ ମନେ ରଖିଚ ନା ନାହିଁ । ଭନ୍ତଲେଇ ପାଖରେ ପହଞ୍ଚିଲୁ, ବହୁ କଷ୍ଟରେ ନେପାଳି

Digitized by srujanika@gmail.com

ବାବାଙ୍କଠାରୁ ହୁକୁମ ଔଷଧ ମିଳିବା କଥା—ରାତି ପାହିଲେ ଧାଡ଼ି ଧରି କେତେ ଲୋକଙ୍କ ସହିତ ବସିବାକୁ ପଡ଼ିବ ସେଇ ବିରାଟ ପଡ଼ିଆଟାରେ...ସେଦିନ ରାତିରେ ବାପା ଆମକୁ କହୁଥାନ୍ତି ବାବାଙ୍କର ଅଦଭୁତ ଶକ୍ତି କଥା—ଯାହା ସେ ଶୁଣିଥିଲେ ବାଟରେ । ଭିନ୍ନ ଭିନ୍ନ ଯାତ୍ରୀଙ୍କ-ଠାରୁ କଥା ଶୁଣୁଶୁଣୁ ଆମେ ଶୋଇପଡ଼ିଲୁ.... । ରାତି ପାହିଲା, ସକାଳୁ ଉଠି ଆମେ ଦେଖୁ ଯେ ଆମ ରୁଣ୍ଡିପାଖରେ ମଡ଼ା କୁଢ଼ କୁଢ଼ । କେତେ ଯେ ମଣିଷ ମରି ଶୋଇଚନ୍ତି ତାର ସୀମା ନାହିଁ । ବୋଉ କହିଲା ଫେରି ଆସିବାକୁ । ଉପୂରେ ମୁଁ ବୋଉ କୋଳରେ ମୁହଁ ଲୁଚାଇଥାଏ । ବାପା କହିଲେ, ଏତେ ବାଟ ଆସି ଫେରିଯିବା...ସେ ମଡ଼ାକୁଢ଼ ଉପରେ ପାଦ ପକାଇ ବାପା ଗଲେ ହୁକୁମ ଔଷଧପାଇଁ...ଆଉ ଫେରିଲେ ନାହିଁ । ବୋଉ ମଧ୍ୟ ତାଙ୍କୁ ଚାହିଁ ଚାହିଁ ଆଖି ବୁଜିଦେଲା, ଭାଇ......

(ଚିତ୍କାର କରି ଉଠିବା)

ଅଶୋକ—ସାଧନା...(ଅଚେତ ହୋଇଯାଇଥିବାର ଦେଖି) ଉଦୟ ବାବୁ, ଉଦୟବାବୁ..!

(ଉଦୟର ପ୍ରବେଶ)

ଉଦୟ—କ'ଣ ହେଲା ଅଶୋକ ବାବୁ ?

ଅଶୋକ—ପୁଣିଥରେ ରୋଗଟା attack କଲା...ଏକା ବେଳକେ senseless ହୋଇଯାଇଛି ।

Digitized by srujanika@gmail.com

ଉଦୟ—ଭୟର କିଛି କାରଣ ନାହିଁ ଅଶୋକବାବୁ ! ହଠାତ୍ କୌଣସି ଦୁର୍ଘଟଣାର ଭୟ ନାହିଁ, କିନ୍ତୁ ରୋଗୀର ଗୋଟାଏ change ଦରକାର ।

ଅଶୋକ—କିନ୍ତୁ ରୋଗଟା କ'ଣ ଏ ପର୍ଯ୍ୟନ୍ତ ତ କେହି ଡାଏଗ୍ନୋ-ନାଇସ୍ କରିପାରିଲେ ନାହିଁ । କରିବିକ କ'ଣ ? ଧନ୍ୟ ସ୍ରଷ୍ଟା—ଧନ୍ୟ ତୁମର ଦଣ୍ଡର ବିଧାନ ।

ଉଦୟ—ଏଇକ୍ଷଣି ତ ବେଶ୍ ଭଲ ମଣିଷ ପରି କଥାବାର୍ତ୍ତା କରୁଥିଲା—ହଠାତ୍ ଏପରି ହେଲା କେମିତି ?

ଅଶୋକ—ସେଇ ତ ବେଶୀ ଭାବନାରେ ପକାଉଛି । ଭଲ ମଣିଷ ପରି କଥାବାର୍ତ୍ତା—ଏଇକ୍ଷଣି ତୁମ ବିଷୟରେ କହିବାରୁ ସେ ଗୋଟି ଗୋଟି କରି ତାର ପୂର୍ବ କଥା କହି ଯାଉଥିଲା—ଠିକ୍ଏହେଲେ କେଉଁଠି ଭୁଲ ଥାନ୍ତା—ହଠାତ୍ ଚିତ୍କାର କରି ଉଠିଲା···

ଉଦୟ—ବଡ଼ Sentimental ଝିଅ ସାଧନା, ଅଶୋକବାବୁ ! ବଡ଼ Sentimental.

ଅଶୋକ—ଯାହା ବା ଥିଲା ନ ଥିଲା, ବାପା ବୋଉଙ୍କର ଗୋଟିଏ ମାତ୍ର ଝିଅ—ବଡ଼ ଅଲିଅଳରେ ପିଲାଟି ଦିନରୁ ବଢି ଆସିଥିଲା, ହଠାତ୍ ବାପା ବୋଉ ଏକା ସାଙ୍ଗରେ ଚାଲିଗଲା ଦିନଠୁ ସେ ଯେମିତି ଭାବୁଛି, ତା କଥା ବୁଝିବାକୁ ଏ ଦୁନିଆରେ କେହି ନାହିଁ । ପଦେ ପଦେ କଥାରେ ସେ ଏତେ ଅବୁଝା ହୋଇପଡ଼େ ଯେ, ତାକୁ ବୁଝାଇବା କାହା ପକ୍ଷରେ ସହଜସାଧ୍ୟ ନୁହେଁ ।

Digitized by srujanika@gmail.com

ଉଦୟ—ଦେଖନ୍ତୁ ନା ଏ ସାମାନ୍ୟ ଚିଠିଟାରୁ କଣ ବୁଝିଲ୍, ଏତେ ସମୟ ଧରି ରାତ୍ତମଚ ମୋ ସାଙ୍ଗରେ ଗୋଟାଏ ଝଗଡ଼ା ସୃଷ୍ଟି କରିଦେଲ...

ଅଶୋକ—ମେ ସବୁ ବିଷୟ ଭୁଲିଯାଅ ଉଦୟ—ସାଧନାପାଇଁ ମୁଁ କ୍ଷମା ମାଗି ନେଉଛି...

ଉଦୟ—That is nothing ଅଶୋକବାବୁ—ମୁଁ ଭାବୁଚି ବର୍ତ୍ତମାନ କ ବ୍ୟବସ୍ଥା କରାଯାଇପାରେ...

(ମଞ୍ଚ ଅନ୍ଧକାର ହୋଇଗଲା)

Digitized by srujanika@gmail.com

ଦୃଶ୍ୟାନ୍ତର

□

[ଷ୍ଟେଜ୍ ଭିତରର କୌଣସି ଏକ ଅଂଶ ।
...ଦେଖାଗଲା ମ୍ୟାନେଜର ବଡ଼ ବ୍ୟସ୍ତଭାବେ ବୁଲୁଛନ୍ତି ଉଇଂଗସ୍‌ର ଫାଙ୍କଦେଇ -ପ୍ରବେଶ କଲେ ଆଶାଦେବୀ । ଗଳାଟା ଜଣାଯାଉଥାଏ ଯେପରି ପଞ୍ଚମରେ—]

ଆଶା – କାହିଁ, କ ବ୍ୟବସ୍ଥା କରିଚନ୍ତି ମ୍ୟାନେଜରବାବୁ ?

ମ୍ୟାନେଜର—(ତାଙ୍କ ପ୍ରତି ଲକ୍ଷ୍ୟ ନ କରି) ଆଃ ଟିକିଏ ଅପେକ୍ଷା କରି ଯାଆନ୍ତୁ । ସବୁ ବ୍ୟବସ୍ଥା ଠିକ୍ ହୋଇଯିବ —

ଆଶା—ଆଉ କେତେ ସମୟ ଅପେକ୍ଷା କରିବୁ ?

ମ୍ୟାନେଜର—ସେକ୍ରେଟାରୀବାବୁ ଷ୍ଟେଜକୁ ଆସନ୍ତୁ...ଗଠିଟା ପରି ପଡ଼ା ଲାଗିଛି--ଧନ୍ୟ ସେ ଗଠି--ଗଠି ନୁହେଁ ତ ଗୋଟିଏ ଉପନ୍ୟାସ ।

ଆଶା—ଆମର ସେଥିରେ କିଛି ଯାଏ ଆସେ ନାହିଁ--ଯଦି ଚଞ୍ଚଳ କିଛି ବ୍ୟବସ୍ଥା କରିବେ ତ କରନ୍ତୁ, ନଚେତ୍ ଆମେ ଗ୍ଲାଲୁ । (ଯିବାକୁ ଉଦ୍ୟତ)

ମ୍ୟାନେଜର—ଆଃ, ଶୁଣନ୍ତୁ ମିସେସ୍--କ'ଣ ଆପଣଙ୍କ ମୁଁଟା ଭୁଲିଗଲ୍ ।

ଆଶା—ଶ୍ରୀମତୀ ଆଶା ଦେବୀ ! ଆଉ କିଛି ଜାଣିବାକୁ ଇଚ୍ଛା ଅଛି ।

ମ୍ୟାନେଜର--ଆପଣ ଏତେ ନିରାଶ ହେଲେ ଚଳିବନି ଆଶାଦେବୀ; ତା'ହେଲେ ଯେ ସମସ୍ତଙ୍କୁ ହତାଶ କରିବାକୁ ପଡ଼ିବ ।

Digitized by srujanika@gmail.com

ଆଶା—ଆମେ ତ ଆଉ ବନ୍ଧର ସ୍ୱରେ କମ୍ପା ସ୍ୱରେଇନ୍ ନୋହୁ । ଆମ ସକାଶେ କ'ଣ ଅଟକ ଯାଉଚ ?

ମ୍ୟାନେଜର—ଅଟକ ଯାଉଚ ମାନେ ନିଶ୍ଚୟ ଅଟକ ଯିବ । ଦେଇ ଦେଖ, କେଡ଼େ ସାନ ଫୁଲଟା ସାହାଯ୍ୟରେ ଏତେ ବଡ଼ ପିନ୍ଧା ଉଠୁଚ ପଡ଼ୁଚ । ପିନ୍ଧା ସମସ୍ତଙ୍କ ଦୃଷ୍ଟିକୁ ଆସୁଚ—ତା ବୋଲି ଫୁଲର କାର୍ଯ୍ୟକୁ ଅସ୍ୱୀକାର କଲେ ଚଳିବ ?

ଆଶା—ତାହେଲେ ଆପଣ କହିବାକୁ ଚାହୁଁଛନ୍ତି ଆମେମାନେ ଗୋଟିଏ ଗୋଟିଏ ଫୁଲ ।

ମ୍ୟାନେଜର—Yes exactly. ଯେତେ ସବୁ minar roles ଅଛନ୍ତି, ତାର ଉପରେ ଭରଦେଇ ଗଢ଼ିଉଠନ୍ତି ପ୍ରତ୍ୟେକ ନାଟକର ସ୍ୱରେ ଓ ସ୍ୱରେଇନ୍ । ଯେଉଁ ନାଟକରେ Supporting minor roles ପ୍ରକୃତ ଭାବେ ପରିସ୍ଫୁଟିତ ନ ହୁଏ, ତାହେଲେ ସେ ନାଟକରେ ରସଭଙ୍ଗ ଘଟେ ।

ଆଶା—ତାହେଲେ ଆମମାନଙ୍କୁ ନେଇ ଆପଣ ରଙ୍ଗମଞ୍ଚରେ ରସ ସୃଷ୍ଟି କରିବାକୁ ଚାହୁଁଛନ୍ତି ?

ମ୍ୟାନେଜର—exactly ଆଶାଦେବୀ ! ଗୋଟିଏ ରସ ନୁହେଁ, ନବରସ ସୃଷ୍ଟି କରାଯିବ ।

ଆଶା—ଆପଣ ସେ ପ୍ରକାର ଆଶା ଆମଠାରୁ କରିବା ଉଚିତ୍ ନୁହେଁ ।

ମ୍ୟାନେଜର—But ଆଶାଦେବୀ···You can not make us ନିରାଶ ।

Digitized by srujanika@gmail.com

ଆଶା—ରସସୃଷ୍ଟି କରିବା ପୂର୍ବରୁ, ଏ ପର୍ଯ୍ୟନ୍ତ ଆମ ମୁହଁ ପାଖରେ ରସଗୋଲା ତ ଦୂରର କଥା, ଗୋଟିଏ କପ୍ ଗରମ ଚା ମଧ୍ୟ ପହଞ୍ଚିଲା ନାହିଁ । ଏତେ ନୀରସତା ମଧ୍ୟରେ ଆମଦ୍ୱାରା ରସସୃଷ୍ଟି ହୋଇପାରିବ ନାହିଁ···

ମ୍ୟାନେଜର—ବୀଭତ୍ସ, ଅତି ବୀଭତ୍ସ ରସର ସୃଷ୍ଟି କଲ ଆଶା ଦେବୀ···Simply ବୀଭତ୍ସ ରସ ।

ଆଶା—ଏ ବୀଭତ୍ସତା ମଧ୍ୟରେ ଆଉ ରହିବାକୁ ମୋଟେ ଇଚ୍ଛା ହେଉ ନାହିଁ । ନାଟକରେ କୌଣସି Important ରୋଲ୍ ନେଇ ନାହିଁ ବୋଲି ଡ଼ିରେକ୍‌ଟର୍‌ଙ୍କଠାରୁ ଆରମ୍ଭ କରି ସେକ୍ରେଟାରୀ, ମ୍ୟାନେଜର୍, even ଆମ ସାଙ୍ଗର ସୁଚିତ୍ରା ମଧ୍ୟ ମୁହଁ ଟେକି ଟିକିଏ ଚାହିଁ ଦେଉ ନାହିଁ । ସେ Idiot କେବେହେଲେ ତ ସେମିତି । କିନ୍ତୁ କାମ ନ ଥାଉ ପଛେ ସେମାନଙ୍କ ମୁହଁକୁ ଆଁ କରି ଅନେଇଚି, କିନ୍ତୁ ମୁଁ ହଜାର ଥର ଡାକିଲିଣି ହାତରୁ ପଇସା ଦେଇ ବାହାରୁ କପେ ଚା' ମଗାଇବାକୁ, ତଥାପି ମୋ କଥାଟା ତା କାନ ପାଖରେ ପହଞ୍ଚିପାରୁ ନାହିଁ ।

ମ୍ୟାନେଜର—Really pathetic, very pathetic—ମାନେ କରୁଣ ରସ ଆଶା ଦେବୀ—ବଡ଼ କରୁଣ ରସ ସୃଷ୍ଟି କଲେ ।

ଆଶା—Shut up ମ୍ୟାନେଜର ବାବୁ, ଚା ଟିକିଏ ନ ପାଇ ମଣିଷର ମିଜାଜ୍ ଗରମ ହେଲା ବେଳକୁ ଆପଣଙ୍କର ଭଲଲାଗେ ରସକଥା ।

Digitized by srujanika@gmail.com

ମ୍ୟାନେଜର—match stick ଆଶାଦେବୀ, ମ୍ୟାଚ୍ ଷ୍ଟିକ୍ ପରି ଜଳଉଠିଲି । ତା'ର ତାପଟା ମୋ ଦେହରେ ଆସି ଚଟ୍ କରି ଲାଗିଗଲା··· ଆହା--ହଁ—ହଁଟ · ମାନେ ରୌଦ୍ର ରସ, ରୌଦ୍ରରସ ।

ଆଶା—ତା'ହେଲେ ଆପଣ କ'ଣ କହୁଛନ୍ତି ?

ମ୍ୟାନେଜର କିଛି ନାହିଁ । ଆପଣ ଏଇଠି ବସନ୍ତୁ । ମୁଁ ସବୁ ବ୍ୟବସ୍ଥା ଠିକ୍ କରି ଦେଉଛି···ବେହେରା, ବେହେରା; Idiot ବେହେରାଟା ବି ଏତେବେଳେ କେଉଁଆଡ଼େ ଅନ୍ତର୍ଦ୍ଧାନ । If you do not mind ଆଶାଦେବୀ ଟିକିଏ ବସନ୍ତୁ । ବେହେରା ଯେତେବେଳେ ନାହିଁ ଅଗତ୍ୟା ମୋତେ ହିଁ ବେହେରା ସାଜିବାକୁ ପଡ଼ିବ । କାରଣ ମୁଁ ମ୍ୟାନେଜର, କଥାଟାକୁ ଯେ କୌଣସି ପ୍ରକାରେ ମ୍ୟାନେଜ୍ କରିବାକୁ ପଡ଼ିବ ।

ଆଶା—ଆପଣ ବର୍ତ୍ତମାନ କି ରସର ସୃଷ୍ଟି କରିବାକୁ ଯାଉଛନ୍ତି ମ୍ୟାନେଜର ବାବୁ ।

ମ୍ୟାନେଜର—ଶାନ୍ତରସ···କାରଣ ଆପଣଙ୍କ ଉଦର-ଶାନ୍ତିପାଇଁ ଯାହା ବ୍ୟବସ୍ଥା କରିବାକୁ ହେବ ସେଥିପାଇଁ ମୁଁ ବାହାରି ପଡ଼ିଲି । One minute' please.

(ପ୍ରସ୍ଥାନ ଓ ପୁନଃ ପ୍ରବେଶ—ଗୋଟିଏ ହାତରେ ଜଳଖିଆ ହାଣ୍ଡି ଓ ଅନ୍ୟ ହାତରେ ବଡ଼ ଗ୍ଲ କ୍ୟାଟିଲରେ ଚା)

ଏଇ ନିଅନ୍ତୁ ଆଶାଦେବୀ !

Digitized by srujanika@gmail.com

ଆଶା—ଏକା ମୋପାଇଁ ଏତେ ଗୁଡ଼ାଏ । ପ୍ଲେ ପୁଣି କେଉଁ ରସର ଅଭିନୟ କରୁଛନ୍ତି ମ୍ୟାନେଜର ବାବୁ···

ମ୍ୟାନେଜର—କହ୍ନାର ଅଦ୍‌ଭୁତ···

ଆଶା—ସତେ ମ୍ୟାନେଜରବାବୁ, ଆପଣ ଜଣେ ଅଦ୍‌ଭୁତ ଲୋକ ।

ମ୍ୟାନେଜର—ସେମିତ ଅଦ୍‌ଭୁତ ନୋହିଲେ ଏଭ ଅଦ୍‌ଭୁତ portfolioଟା ମୋ ଜିମା ଦେଇଛନ୍ତି ନା—

(କଣ୍ଠ ଜଳଖିଆ ବଢ଼ାଇଦେବା)

ଆଶା—ଦେଖନ୍ତୁ, ଆପଣ ଡ୍ରାମାରେ ପାର୍ଟନେଲେ ନାହିଁ କାହିଁକି ?

ମ୍ୟାନେଜର—ମୋ ପାର୍ଟ ପ୍ଲେ କରିବାର ଲୋକ ଅଭାବ ପଡ଼ିବାରୁ ।

ଆଶା—ନା-ନା; ଆପଣଙ୍କର ଅଭିନୟ କରିବାରେ ଯେଉଁ ପଟୁତା ଅଛି, ଅନ୍ତତଃ ଆପଣଙ୍କୁ ଏ ନାଟକର ହିରୋ ରୋଲ୍ ଦେବା ଉଚିତ ଥିଲା ।

ମ୍ୟାନେଜର—ତାହେଲେ ଆପଣଙ୍କୁ ଆପଣଙ୍କ ରୋଲ୍‌ଟା Change କରିବାକୁ ପଡ଼ିଥାନ୍ତା ।

ଆଶା—କାହିଁକି, ଆପଣ କଣ ଆଶା କରୁଛନ୍ତି ମୁଁ ଅନ୍ୟ କୌଣସି ରୋଲ୍‌ରେ ପାରି ନ ଥାନ୍ତି ।

ମ୍ୟାନେଜର—ଆପଣଙ୍କ ଆଶ ଟା ଏକାବେଳକେ ଦୁରାଶା ନୁହେଁ ଆଶାଦେବୀ ! ମୁଁ ଯଦି ହିରୋ ରୋଲ୍‌ରେ ଅଭିନୟ କରିଥାନ୍ତି ଆପଣ ନିଶ୍ଚୟ ହିରୋଇନ୍ ରୋଲ୍‌ଟା ନେଇଥାନ୍ତେ ।

Digitized by srujanika@gmail.com

ଆଶା—ଏହା ମଧ୍ୟରେ କେଉଁ ରସର ସୃଷ୍ଟି କରୁଚନ୍ତି ମ୍ୟାନେଜର ବାବୁ ?

ମ୍ୟାନେଜର—ତା କଣ ବୁଝିପାରୁ ନାହାନ୍ତି ଆପଣ—ଏ ରସକଥା ଏଠାରେ ଫିଟାଇ କହିବା ଉଚିତ ନୁହେଁ । କଣ କିଛୁ ବୁଝିପାରିଲେ ? (ଦୁହେଁ ହସି ଉଠିବା)

(ମଞ୍ଚ ଅନ୍ଧକାର ହୋଇଗଲା)

ଦୃଶ୍ୟାନ୍ତର

□

(ଅଶୋକ କାନନ ପୂର୍ବଦୃଶ୍ୟ)

ଅଶୋକ—ତୁମେ ସମସ୍ତ କଥା ବୁଝି ମଧ୍ୟ ଯଦି ଏହା କହୁଛ, ତାହେଲେ ସେ ସାଧନାର କପାଳ ଆଉ ମୋର ଭାଗ୍ୟ ।

ଉଦୟ—ଦେଖନ୍ତୁ, ରୋଗଟା ବର୍ତ୍ତମାନ ଭଲ ହୋଇଯାଇଛି । ସେଇଟା କୌଣସି ମାରାତ୍ମକ stage ରେ ପହଞ୍ଚି ନାହିଁ ।

ଅଶୋକ—କିନ୍ତୁ ତାର ଗତିଟା ଯେ ସେହି ଦିଗକୁ, ସେଇଟା ନିଶ୍ଚୟ ଅସ୍ୱୀକାର କରିପାରିବ ନାହିଁ ।

ଉଦୟ—ସେ ବିଷୟରେ ଏତେ ଚଞ୍ଚଳ କୌଣସି ମତାମତଟା ଦେବା ଅନ୍ୟାୟ ହେବ । ତା ପୂର୍ବରୁ ରୋଗର ପୂର୍ଣ୍ଣ ଇତିହାସଟା ଜାଣିବା ଦର୍କାର ।

ଅଶୋକ—ସେ ଦାୟିତ୍ୱ ତୁମେ ସ୍ୱଇଚ୍ଛାରେ ମୁଣ୍ଡକୁ ନେଇଥିଲ । ସେଇ ଦିନଠୁ ମୁଁ ସାଧନାର ଦାୟିତ୍ୱ ଏକରକମ ତୁମ ଉପରେ ଛାଡ଼ିଦେଇଛି, ଏଣିକ ତୁମର ଇଚ୍ଛା ।

ଉଦୟ—ସେ ଦାୟିତ୍ୱ ତୁଲାଇବାକୁ ମୁଁ କେବେ ଅସ୍ୱୀକାର କରି ନାହିଁ, ଏବେ ମଧ୍ୟ ଅସ୍ୱୀକାର କରୁନାହିଁ । କିନ୍ତୁ ମୁଁ ଟେଲିଗ୍ରାମଟା କରିଦେଇ ସାରିଚି ଯେତେବେଳେ ମୋତେ ଯିବାକୁ ପଡ଼ିବ ।

ଅଶୋକ—ଦେଖନ୍ତୁ ଉଦୟବାବୁ, ଆପଣଙ୍କୁ ମୋର ଯାହା କହିବା କଥା, ତା ମୁଁ କହି ସାରିଚି । ଆପଣ ପାଣିଦେଇ ଗଛଟିକୁ ଆଜଯାଏ ବଢ଼ାଇ ଆଣିଥିଲେ । ଆପଣ ଛାଡ଼ିଁ ଛନ୍ତି

Digitized by srujanika@gmail.com

ତାଙ୍କୁ ମୂଳରୁ ଉପାଡ଼ି ଦେବାକୁ —ବରଂ ସେଥିରେ ମୋର ଟିକିଏ ହେଲେ ଆପତ୍ତି ନାହିଁ ।

ଉଦୟ—ସେଠାକାର ଅବସ୍ଥା ବର୍ତ୍ତମାନ କଣ ହୋଇଥିବ ଆପଣ ଅନୁମାନ କରିପାରୁ ନାହାନ୍ତି ଅଶୋକବାବୁ ।

ଅଶୋକ—କିଛିକ୍ଷଣ ପୂର୍ବରୁ ଏଠାକାର ଅବସ୍ଥା ଯାହା ହୋଇଥିଲା ଆପଣ ନ ଥିଲେ ଯେ କଣ ହୋଇଥାନ୍ତା, ତା ଭଗବାନଙ୍କ ଛଡ଼ା କେହି କହି ପାରିବେ ନାହିଁ ।

ଉଦୟ—Excuse me ଅଶୋକବାବୁ !

ଅଶୋକ—ଉଦୟବାବୁ, ତାହେଲେ କଣ ଧରିନେବି—ସାଧନାର ଅନୁମାନଟା ଏକାବେଳକେ ଅମୂଳକ ନୁହେଁ ?

ଉଦୟ—ଆପଣ ଯାହା ଅନୁମାନ କରିପାରନ୍ତି । କିନ୍ତୁ ସ୍ଥିର କରି ସାରିଛି, ଏ ପ୍ରକାର ପରିସ୍ଥିତି ମଧ୍ୟରେ ସାଧନାର ଦାୟିତ୍ୱଟା ମୋର ହାତକୁ ନେବା ଉଚିତ ନୁହେଁ । କଟକ ଫେରିଗଲେ ମୁଁ ତାର ଅନ୍ୟ ବ୍ୟବସ୍ଥା କରିବି ।

ଅଶୋକ—ତା ନ କଲେ ମଧ୍ୟ ବିଶେଷ କ୍ଷତି ହେବନାହିଁ, ବରଂ ଆମପାଇଁ ଅଯଥା ଏତେ କଷ୍ଟ ସହିବା ତୁମର କିଛି ଆବଶ୍ୟକ ନାହିଁ ।

ଉଦୟ—ଅଶୋକବାବୁ !

ଅଶୋକ—ଜାଣେ ଉଦୟବାବୁ; ତୁମଠାରେ ଆମର କିଛି ଅଧିକାର ନାହିଁ ।

ଉଦୟ—ସେ ଅଧିକାରରୁ ମୁଁ ନିଜକୁ ତ ଏ ପର୍ଯ୍ୟନ୍ତ ମୁକ୍ତ କରି ନେଇନାହିଁ ।

Digitized by srujanika@gmail.com

ଅଶୋକ—ତେବେ ମୁଁ ପଚାରୁଛି ଉଦୟବାବୁ, ତୁମେ କାହିଁକି ସାଧନାକୁ ସେ ଭୃନ୍ତଲେଇର ଶ୍ମଶାନ ମଧ୍ୟରୁ ଉଠାଇ ଆଣିଲ ? ବାପା ଯାଇଥିଲେ, ହୋଇ ଯାଇଥିଲା, ସେ ଦୁଃଖ ସମ୍ଭାଳି ପାରିଲି, ଆଜି କଣ ଏ ଅଭାଗୀଟାର ମୃତ୍ୟୁ ଖବରଟା ମୁଁ ସହି ପାରି ନ ଥାନ୍ତି ।

ଉଦୟ—ଅଶୋକବାବୁ !

ଅଶୋକ—କୁହ ଉଦୟବାବୁ, ସାଧନାର ଅର୍ଦ୍ଧମୃତ ଶରୀରଟାକୁ ଘୋଟାଇ ଆଣି ସେଥିରେ ଯେଉଁ ଜୀବନ୍ୟାସ କଲ, ସେଥିରେ ତୁମର କଣ ଉଦ୍ଦେଶ୍ୟ ଥିଲା ? କଣ ଖାଲି ଟିକିଏ ମାୟା-ମମତା ଲଗାଇ ଦେଇ ଜୀବନଟାକୁ ଦନ୍ଦ ଜ୍ଞି କରିବାପାଇଁ ତୁମେ ବୃହିଁଥିଲ ?

ଉଦୟ—ଅଶୋକବାବୁ, ଶବପ୍ରବଣତାର ମଧ୍ୟଦେଇ କୌଣସି କାର୍ଯ୍ୟର ପ୍ରତିକାର ହୋଇ ପାରେନା । ମୁଁ ଏବେ ମଧ୍ୟ ଆହୁରି ଥରେ ଆପଣଙ୍କୁ କହୁଚି—ସାଧନା ବିଷୟରେ ମୁଁ ଆପଣଙ୍କ ନିକଟରେ ଯେଉଁ ଶପଥ କରିଚି, ସେଥିରୁ ମୁଁ ତିଳେ ହେଲେ ପଶ୍ଚାତ୍ପଦ ହୋଇନାହିଁ, ନଚେତ୍ ହୁଏତ ଆଜି---

ଅଶୋକ—ନଚେତ୍ ଆଜି ହୁଏତ ହେଣ୍ଟି ବିଖ୍ୟାତ ବାରିଷ୍ଟରଙ୍କ ଏକମାତ୍ର କନ୍ୟା ଶ୍ରୀମତୀ ସୁଚରିତା ଦେବୀଙ୍କ ପ୍ରସ୍ତାବକୁ ସାଦର ଅଭିନନ୍ଦନ ଜଣାଇ ସାରନ୍ତିଣି ।

ଉଦୟ---Exactly ଅଶୋକବାବୁ, ସେ ପ୍ରଲୋଭନ ସମାଜରେ ଆମ ସ୍ତରର ଲୋକଙ୍କ ପକ୍ଷରେ କମ୍ ନୁହେଁ ।

Digitized by srujanika@gmail.com

ଅଶୋକ—ଜଣ ପ୍ରଫେସରଙ୍କ ସୁଚନ୍ଦା ଦେଖି ସ୍ୱୟଂ ନା ତାଙ୍କ ବାପାଙ୍କର ବ୍ୟାଙ୍କ ବାଲାନସ୍‌ଟା ।

ଉଦୟ—I can say both—ମାତ୍ରକ କେହି କାହାଠାରୁ କୌଣସି ଗୁଣରେ କମ୍ ନୁହେଁ ।

ଅଶୋକ—But here, you have to be disapointed in both. ଏକେତ ରୁପଗୁଣା ସାଧନା—ତାପରେ Nill Bank Balance.

ଉଦୟ—ସେଇ କଥା ମୋତେ ଥରେ ସୁଚାଇଥିଲେ ସୁଚନ୍ଦାଙ୍କର ବାପା । ଥରେ ମୋତେ ଖିଆ ପାଇଁ ନିମନ୍ତ୍ରଣ କରିଥିଲେ । ତାଙ୍କର ବାରିଷ୍ଟର ବୁଦ୍ଧି ଖଟାଇ ପ୍ରମାଣ କରାଇବାକୁ ଚାହିଁଥିଲେ ଏ ଦୁନିଆରେ ମଣିଷ ହେବାକୁ ହେଲେ ଯାହା କିଛି ଆବଶ୍ୟକ, ତାହା ମୁଁ ପାଇପାରିବି ସୁଚନ୍ଦାର ହାତ ଧରିଲେ ।

ଅଶୋକ—ତୁମେ ସେ ପ୍ରସ୍ତାବରେ ରାଜିହେବା ଉଚିତ ଥିଲା ଉଦୟବାବୁ ।

ଉଦୟ—ସେଇକଥା ଆପଣ ଏକା କାହିଁକି ମୋର ବନ୍ଧୁମାନଙ୍କ ମଧ୍ୟରୁ ଅଧିକାଂଶ କହିଥିଲେ—ବିଚାର କରି ଉତ୍ତର ଦେବାପାଇଁ । ବାରିଷ୍ଟର ମହାଶୟ ମୋତେ ମଧ୍ୟ ସମୟ ଦେଇଥିଲେ ।

ଅଶୋକ—ତାହେଲେ ତୁମେ ତାଙ୍କ ପ୍ରସ୍ତାବରେ ସମ୍ମତି ଦେଇ ଆସ, ଉଦୟବାବୁ ।

Digitized by srujanika@gmail.com

ଉଦୟ—କଲୁ ମୁଁ ତାଙ୍କୁ ସ୍ପଷ୍ଟ କଣାଇ ଦେଇ ଆସିଚି ଅଶୋକବାବୁ ।

ଅଶୋକ—କଣ କହିଲ ?

ଉଦୟ—A Big No.

ଅଶୋକ—ତୁମର ଶପଥପାଇଁ ତୁମେ ଯଦି ଏହା କରିଥାଅ, ମୁଁ ତୁମକୁ ସେଥିରୁ ମୁକ୍ତି ଦେଉଚି ।

ଉଦୟ—ଖାଲି ମୁକ୍ତି କହିଲେ ମୁକ୍ତି ମିଳେନା ଅଶୋକବାବୁ !

ଉଦୟ—ତେବେ ତୁମେ କଣ ଚାହଁ ?

ଉଦୟ—ମୋର ଶପଥ କାହାପାଇଁ ଜାଣନ୍ତି ତ ?

ଅଶୋକ—ସାଧନା କଥା ତ—ସାଧନାକୁ ମୁଁ କହିବି ।

(ଗୁଁ ହାତରେ ସାଧନାର ପ୍ରବେଶ)

ସାଧନା—ମୋତେ ଆଉ କହୁ କହିବା ଦରକାର ନାହିଁ ଭାଇ—ଏଇ ତୁମର ଗୁଁ ।

ଅଶୋକ—ସାଧନା !

ସାଧନା—କ'ଣ, କାହିଁକି ମୁଁ ଉଠି ଆସିଲି ସେଥିପାଇଁ ପଚାରୁଛ ତ ?

ଅଶୋକ—ନାଁ, ସେକଥା ନୁହେଁ—

ସାଧନା—ଚୁପ୍‌କରି ଗୁଁ'ଟା ଥୋଇ ଦେଇ ଯିବି, ବେଶି ବକାବକି କରିବି ନାହିଁ—ଏକଥା କହୁଛ ତ ଭାଇ !

ଅଶୋକ—ନା—ତା ବି ନୁହେଁ—ମୁଁ କହୁଥିଲି କି···

ଉଦୟ—ଅଶୋକବାବୁ !

Digitized by srujanika@gmail.com

ସାଧନା—କ'ଣ, ଚୁପ୍ ହେଲ କାହିଁକି, କୁହ ନା ଭାଇ କଣ କହୁଥିଲ ?

ଅଶୋକ—ମୁଁ କହୁଛି, ଉଦୟବାବୁ ଯା'ନ୍ତୁ ।

ସାଧନା—ମୁଁ ବି ଦେଖୁଛି, ସେ ଏ ପର୍ଯ୍ୟନ୍ତ ଯାଇ ନାହାନ୍ତି କାହିଁକି ?

ଉଦୟ—ଯଦି ମୋର ଯିବାଟା ସ୍ୱତଃସିଦ୍ଧ ବୋଲି ଧରି ନେଇଥିଲ, ତାହେଲେ ଦୁ'କପ୍ ଚା'ର ବ୍ୟବସ୍ଥା କାହିଁକି କରିଥିଲ ?

ସାଧନା—ଚା'ର ଗନ୍ଧଟା ତାହେଲେ ଆପଣଙ୍କ ନାକ ପର୍ଯ୍ୟନ୍ତ ଆସି ଯାଇଥିଲା···

ଉଦୟ—ଏଥର ବୁଝି କହ, ବାରିଷ୍ଟରଙ୍କ ପ୍ରସ୍ତାବରେ ମୁଁ କାହିଁକି ସହଜରେ ରାଜି ହୋଇ ପାରିଲି ନାହିଁ ।

ଅଶୋକ—ସାଧନା, ମୋ ମତରେ ଉଦୟବାବୁଙ୍କୁ ଏଠି ଅଟକାଇ ରଖିବା ଉଚିତ ହେଉନାହିଁ ।

ଉଦୟ—ମୁଁ ମଧ୍ୟ କହୁଚି ସାଧନାର ବର୍ତ୍ତମାନ ସ୍ୱାସ୍ଥ୍ୟ ଦୃଷ୍ଟିରୁ, ଆପଣମାନଙ୍କୁ ମଧ୍ୟ ଏଠାରେ ଏ ପ୍ରକାର ଅସହାୟ ଅବସ୍ଥାରେ ଛାଡ଼ିଯିବା ମଧ୍ୟ ମୋର ଉଚିତ ହେଉନାହିଁ ।

ସାଧନା—ତେଣେ ଆପଣଙ୍କ ନାଟକ ଅବସ୍ଥା କ'ଣ ହେବ ?

ଉଦୟ—ଏଣେ ତୁମର ଅବସ୍ଥା, ତେଣେ ନାଟକର ଅବସ୍ଥା । ଦୁଇ ଅବସ୍ଥାକୁ ସୁଧାରିବାପାଇଁ ମୋର ଯେ ଅବସ୍ଥା କଣ ହେବ ମୁଁ ଏ ପର୍ଯ୍ୟନ୍ତ ଠିକ୍ କରି ପାରୁ ନାହିଁ ।

ଅଶୋକ—ସବୁ ଠିକ୍ ହୋଇଯିବ । ତୁମେ ଯିବାକୁ ଠିକ୍ କର, ମୁଁ ତେଣେ ତାର ବ୍ୟବସ୍ଥା ଦେଖୁଚି ।

(ପ୍ରସ୍ଥାନ)

Digitized by srujanika@gmail.com

ଉଦୟ—ସାଧନା !

ସାଧନା—କଣ ଯିବା କଥା ଯଦି ବାହାରିପଡ଼—ନ ଯିବା କଥା ଯଦି ଫେରେଇବାସର ବ୍ୟବସ୍ଥା କରିବାକୁ ପଡ଼ିବ ।

ଉଦୟ—ମୋ କଥାରେ ତୁମ ମନରେ ବଡ଼ ଦୁଃଖ ହେଉଛି, ନାହିଁ ସାଧନା !

ସାଧନା—ନାହିଁତ, ବରଂ ମୁଁ ତୁମକୁ ପ୍ରଶ୍ନ ଉପରେ ପ୍ରଶ୍ନ ପଚାରି ଵିବ୍ରତ କରି ଦେଇଛି । ସେଇଥିପାଇଁ ହୁଏତ ତୁମେ ଯିବା-ପାଇଁ ଏତେ ଜିଦ୍ ଧରି ବସିଛ ।

ଉଦୟ—ସାଧନା, ତୁମେ କ'ଣ ଚାହଁ ମୁଁ ନ ଯାଏ···

ସାଧନା—ଯେପରି ମୋ କଥାରେ ସବୁ ନିର୍ଭର କରେ ।

ଉଦୟ—ଯଦି ସେ ଦାୟିତ୍ୱଟା ତୁମ ଉପରେ ଛାଡ଼ିଦିଏ ।

ସାଧନା—କିନ୍ତୁ ମୁଁ ତ ତାହା ଚାହୁଁ ନାହିଁ ।

ଉଦୟ—ମାନେ ?

ସାଧନା—ମୁଁ ଚାହେଁନା ତୁମକୁ କୌଣସି ଆଦେଶ କରିବାକୁ, ବରଂ ସବୁବେଳେ ଅପେକ୍ଷା ରଖିଥାଏ ତୁମର ଆଦେଶକୁ ।

ଉଦୟ—ବେଶ୍, ତେବେ writing padଟା ଆଣିଲ ।

ସାଧନା—କଣ କେଉଁଠିକି ଚିଠି ଲେଖିବ ?

ଉଦୟ—ହଁ, ତା ପୂର୍ବରୁ ତୁମକୁ ମଧ୍ୟ କେତେକ କଥା ନିଃସଙ୍କୋଚରେ ମୋ ଆଗରେ ପ୍ରକାଶ କରିବାକୁ ପଡ଼ିବ ।

ସାଧନା—ସେ ସଙ୍କୋଚ ତ ତୁମ ପାଖରେ ମୁଁ କେବେ କରିନାହିଁ ।

ଉଦୟ—ମୁଁ ଆଜି ଥରେ ତୁମ ମୁହଁରୁ ଶୁଣିବାକୁ ଚାହେଁ ତୁମର ପିଲାଦିନର କାହାଣୀ ।

Digitized by srujanika@gmail.com

ସାଧନା—ବେଶ୍, ବର୍ତ୍ତମାନ କହିବ ।

ଉଦୟ—ତୁମର ମନେ ଅଛି ସାଧନା, ମୋ ସହିତ ଯେଉଁ ଦିନ ପ୍ରଥମ ସାକ୍ଷାତ୍ ।

ସାଧନା—କାହିଁକି ଉଦୟବାବୁ ?

ଉଦୟ—କାହିଁକି ନୁହେଁ ସାଧନା, ତୁମକୁ କହିବାକୁ ହେବ ।

ସାଧନା—ସେ କଥାଟା ନ କହିଲେ କଣ ଚଳିବ ନାହିଁ । ସେ କଥା ଭାବିଲା ବେଳକୁ ମୋର ମୁଣ୍ଡ କଣ ହୋଇ ଯାଉଛି ।

ଉଦୟ—ସେଇ ବନ୍ଦଲେଇର ବିରାଟ ପଡ଼ିଆ ମଝିରେ....

ସାଧନା—ବନ୍ଦକର ଉଦୟବାବୁ....

ଉଦୟ—ସେଇ ମଣ୍ଡାକୁଡ଼ ଭିତରେ ତୁମେ ମୋତେ କଣ କହିଥିଲ ମନେଅଛି ?

ସାଧନା—ଉଦୟବାବୁ !

(ଚିତ୍କାର କରି ହଠାତ୍ ଅଚେତ ହୋଇଯିବା)

ଉଦୟ—ସାଧନା !...

ଦୃଶ୍ୟାନ୍ତର

□

[ଅଶୋକ କାନନର ଏକ ବାରଣ୍ଡା । ବ୍ୟସ୍ତ ମନରେ ପଦକ୍ଷେପ କରୁଥିଲେ ଅଶୋକ—ପ୍ରବେଶ କଲେ ଡାକ୍ତର ଗୁପ୍ତ···]

ଡାକ୍ତର ଗୁପ୍ତ—ନମସ୍କାର !

ଅଶୋକ—(ଚମକିତ ଓ ଅନ୍ୟମନସ୍କ ଭାବେ) ନମସ୍କାର ।

ଡା: ଗୁପ୍ତ—ଏଇଟା ଅଶୋକ କାନନ ନା···?

ଅଶୋକ—(ସାଧାରଣ ଶିଷ୍ଟାଚାର ରକ୍ଷା କରିବାର ଅବସ୍ଥାରେ ନ ଥାଇ) ଗେଟ୍ ପାଖରେ ସାଇନ୍ ବୋର୍ଡ଼ଟା ପଢିପାରି ନାହାନ୍ତି ବୋଧହୁଏ ।

ଡା: ଗୁପ୍ତ—ଅଶୋକବାବୁଙ୍କ ସଙ୍ଗେ କାମ ଥିଲା···

ଅଶୋକ—ବେଶ୍ କହିପାରନ୍ତି···

ଡା: ଗୁପ୍ତ—ଆପଣ ତାହେଲେ ଅଶୋକବାବୁ—ନମସ୍କାର ।

ଅଶୋକ—ନମସ୍କାର ଆଜ୍ଞା—ଆପଣ କଣ ଚାହାନ୍ତି ?

ଡା: ଗୁପ୍ତ—ଆପଣଙ୍କଠାରୁ ଆମେ ଆଶାନୁରୂପ ସାହାଯ୍ୟ ପାଇବୁ ବୋଲି ଆଶା କରୁଛୁ ।

ଅଶୋକ—ସେ ପ୍ରକାର କୌଣସି ସାହାଯ୍ୟର ପ୍ରତିଶ୍ରୁତି ମୁଁ ଦେଇପାରୁ ନାହିଁ ଆପଣଙ୍କୁ ।

ଡା: ଗୁପ୍ତ—ଆପଣଙ୍କ ଭଳି ଶିକ୍ଷିତ ଲୋକ ଯଦି ଦଶର ତଥା ଦେଶର ଉପକାର ପାଇଁ ସାମାନ୍ୟ କଷ୍ଟ ସ୍ୱୀକାର

Digitized by srujanika@gmail.com

କରିବାକୁ ଅସମର୍ଥ ହେବେ, ତାହେଲେ ଆମ ସମାଜ ତଥା ଦେଶର ଉନ୍ନତି ହେବ କିପରି ?

ଅଶୋକ—ଦେଖନ୍ତୁ, ବର୍ତ୍ତମାନ ଅବସ୍ଥାରେ ମୁଁ ମୋ ନିଜପାଇଁ, ଏବଂ ନିଜ ଭଉଣୀପାଇଁ କିଛି କରିବାକୁ ଯେତେବେଳେ ଅସମର୍ଥ, ସେତେବେଳେ ଅପରପାଇଁ କଣ କରିପାରେ ?

ଡା: ରାୟ—ଆପଣ ବିବ୍ରତ ଥିଲପରି ଜଣା ପଡୁଚନ୍ତି ।

ଅଶୋକ—ଖାଲି ବିବ୍ରତ ନୁହେଁ, ଖୁବ୍ ବିବ୍ରତ—ମାନେ ଅତି ସାଧାରଣ ଭାବରେ ବିବ୍ରତ ଅଛି କହିଲେ ଅତିରଞ୍ଜିତ ହେବ ନାହିଁ ।

ଡା: ରାୟ—ତାହେଲେ ଆପଣଙ୍କୁ Disturb କରିବା ଅନ୍ୟାୟ ହେଉଚି···

ଅଶୋକ—ନିଶ୍ଚୟ ହେଉଚି; ଶହେବାର ନୁହେଁ, ହଜାରେ ବାର ଅନ୍ୟାୟ ହେଉଚି ।

ଡା: ରାୟ—କ୍ଷମା କରିବେ ସାର୍, ତାହେଲେ ମୁଁ ଆସେ । ଅନ୍ୟ ଥର ଆସିଲେ ସୁବିଧା ମୁତାବକ ଆପଣଙ୍କ ସହିତ କଥାବାର୍ତ୍ତା ହେଇ ଯିବ ।

ଅଶୋକ—କଥାବାର୍ତ୍ତା ଥିଲା ? କଣ କିଛି ଜରୁରୀ ବିଷୟରେ ?

ଡା: ରାୟ - ଜରୁରୀ, ହଁ ଜରୁରୀ ନୁହେଁ କଣ ! ଏ ଅଞ୍ଚଳର ଅବସ୍ଥା ଯାହା, ସେଥି ଦୃଷ୍ଟିରୁ କଥାଟା ନିଶ୍ଚୟ ଜରୁରୀ ।

ଅଶୋକ—କେଉଁ ବିଷୟ ଆପଣ କହୁଛନ୍ତି ?

ଡା: ରାୟ— Anti-malaria campaign.

ଅଶୋକ—କୁଇନାଇନର ପ୍ରଡ଼କ୍ସନ୍ ବଢ଼ାଇଦେଲେ ମ୍ୟାଲେରିଆ ରୋଗ ନିର୍ମୂଳ ହୋଇଯିବ ।

Digitized by srujanika@gmail.com

ଡା: ସ୍ୱପ୍ନ—ଆମ campaignର ମୂଳ ଲକ୍ଷ୍ୟ ତା ନୁହେଁ ।

ଅଶୋକ ମ୍ୟାଲେରିଆ ଜୀବାଣୁକୁ ଧ୍ୱଂସ କରିବାର ମୂଳ ଔଷଧ ଯେ କୁଇନାଇନ; ତାହାତ ଅସ୍ୱୀକାର କରି ପାରିବେ ନାହିଁ ।

ଡା: ସ୍ୱପ୍ନ—ତାହେଲେ ଆମ ଦେଶର ଲୋକମାନଙ୍କୁ ଗୋଟିଏ ଗୋଟିଏ କୁଇନାଇନର ମଣିଷ କଲେ ହିଁଏତ ମ୍ୟାଲେରିଆ ପ୍ରୁଫ୍ ହୋଇଯାନ୍ତା ।

ଅଶୋକ—ତାହେଲେ ଆପଣଙ୍କ Campaignର ଉଦ୍ଦେଶ୍ୟ ?

ଡା: ସ୍ୱପ୍ନ—Prevention is better than cure— ଏଇଟା ଆପଣ ଅସ୍ୱୀକାର କରିବେନ ।

(ପ୍ରବେଶ କଲେ ଉଦୟ)

ଉଦୟ—ମୋ ପ୍ରସ୍ତାବଟାକୁ ଅସ୍ୱୀକାର କଲେ ଅବସ୍ଥା କଣ ହେବ ବୁଝିପାରୁଚ ଅଶୋକ···

ଡା: ସ୍ୱପ୍ନ—କିଏ, ଉଦୟ !

ଉଦୟ—କିଏ, ଡା: ସ୍ୱପ୍ନ--ନମସ୍କାର । ଆପଣ ଏଠି ?

ଡା: ସ୍ୱପ୍ନ—ମୁଁ ମଧ୍ୟ ତୁମକୁ ଠିକ୍ ସେଇ କଥା ପଚାରୁଚି--ତୁମେ ଏଠି କେମିତି ?

ଉଦୟ—ମୋ ପରି ମଣିଷଟିଏ କଣ ଏ ଉତରେ ରହିନ ପାରନ୍ତି ?

ଡା: ସ୍ୱପ୍ନ—ସେ କଥା ମୁଁ ପଚାରୁନି ଉଦୟ—ଆଜି ଯେ ମେଡ଼ିକାଲ କଲେଜର ଡ୍ରାମାଟିକ୍ ସୋସାଇଟିର ପ୍ଲେ— ନିମନ୍ତ୍ରଣ ଚିଠି ସବୁତ ମିଳି ସାରିଛି । ତା ସଙ୍ଗରେ ଯେଉଁ

ପ୍ରୋଗ୍ରାମଟା ଅଛି, ସେଥିରେ ତ ମୁଁ ପଢିଥିଲି ତୁମେ ସେ ଡ୍ରାମାରେ ଅଂଶ ଗ୍ରହଣ କରୁଛ, ବୋଧହୁଏ ନାଟକର ହିରୋ ହିସାବରେ ।

ଜଦୟୁ—ସବୁ ଛୋଇଛ ଡା· ରାୟ, କିନ୍ତୁ ଏହି ସ୍ଥାନରେ ଯେଉଁ ନାଟକ ଚାଲିଛି, ତା ଶେଷ ନ ହେଲାଯାଏ ବୋଧହୁଏ ମୁଁ ସେ ନାଟକରେ ଅଂଶ-ଗ୍ରହଣ କରି ପାରୁନାହିଁ ।

ଡା: ରାୟ --ମାନେ, ଆପଣ ଚାହେଁନାଲ ଯାଉନାହାନ୍ତି ?

ଜଦୟୁ—ସେ ବିଷୟରେ ଏବେ ମଧ୍ୟ ବିଚାର ଚାଲିଛି । ଅଶୋକ-ବାବୁଙ୍କର ଭଉଣୀ ସାଧନାର ଶରୀର ଅବସ୍ଥା ଯାହା···

ଡା: ରାୟ—Can I be of any helf,

ଜଦୟୁ—That's very kind of you Dr. Roy. କିନ୍ତୁ ଆପଣ କହିଲେ ନାହିଁ ତ କ ଉଦ୍ଦେଶ୍ୟରେ ହଠାତ୍ ଏଠି ? ଆରେ ଅଶୋକ, ଡା: ରାୟଙ୍କୁ ଏପର୍ଯ୍ୟନ୍ତ ବସିବାକୁ ଆସନ ଖଣ୍ଡିଏ ମଧ୍ୟ ଦେଇ ନାହଁ ।

ଡା: ରାୟ—ନା, କିଛି ଦରକାର ନାହିଁ । ପରେ ଆସିଲେ କଥାବାର୍ତ୍ତା ।

ଜଦୟୁ—ଆପାତତଃ ଆପଣଙ୍କ ଅବସ୍ଥାନଟା···

ଡା: ରାୟ—ଆମ ପାର୍ଟିର Van ଭିତରେ--ସିଧା ସଳଖ ବାହାରିଥିଲୁ ଟେମ୍ପଲ ଦେଖିବାକୁ---ତୁମେ ତ ଜାଣ ଜଦୟୁ, ମୁଁ ଯେତେବେଳେ ମେଡ଼ିକାଲ କଲେଜର ଛାତ୍ର ଥିଲି ମୁହଁରେ ଇଙ୍ଗବୋଳ କେତେଥର ଡ୍ରାମାରେ ପାର୍ଟ

Digitized by srujanika@gmail.com

କରନ୍ତି । ନାଟକ ପ୍ରତି ମୁଁ କେତେ intrested, କିନ୍ତୁ ବର୍ତ୍ତମାନ ତୁମେ ନ ଯାଉଥିବା ଶୁଣି ସବୁତ ଯିବାଟା ବନ୍ଦ ରଖିବ ନା ନାହିଁ ।

ଅଶୋକ— ସେଥିପାଇଁ ମୁଁ ଅନେକ ଆଗରୁ ଉଦୟବାବୁଙ୍କୁ ଅନୁରୋଧ କରିଚି ।

ଉଦୟ—କିନ୍ତୁ ଡା: ରାୟ; ପେସେଣ୍ଟକୁ ଛାଡ଼ି ଅଭିନୟ କରି ଯିବାଟାକୁ କ'ଣ ଆପଣ ପସନ୍ଦ କରନ୍ତି ।

ଡା: ରାୟ—ଚାହେଁଲେ ଉଦୟ, ପେସେଣ୍ଟକୁ ମୋ ଚାର୍ଜରେ ରଖି ତୁମେ ଯାଇପାର । କାରଣ ମୋର ମନେହୁଏ ତୁମର ଅନୁପସ୍ଥିତି ଫଳରେ ହୁଏତ ନାଟକ ଏକାବେଳକେ ବନ୍ଦ ହୋଇ ଯାଇପାରେ, ବରଂ ସେ ସୋସାଇଟିର ଜଣେ ଭୂତପୂର୍ବ ସଭ୍ୟ ହିସାବରେ ମୁଁ ଏହିଠାରେ ରହି ଏହି ଟିକକ ସାହାଯ୍ୟ ଯଦି କରିପାରିବା ଦ୍ୱାରା ସୋସାଇଟିର ସୁନାମ ହେଲ, ସେଥିରେ ମଧ୍ୟ ମୋର ଗୌରବ ।

ଉଦୟ—କିନ୍ତୁ ଡା: ରାୟ, ଆପଣଙ୍କ ମନଟା···

ଡା: ରାୟ—That's nothing for a doctor. ଉଦୟ ତୁମେ ଯାଅ, ଜନତା ଏକସ୍‌ପ୍ରେସ ଧରି ପାରିବାକୁ ହାହାର-ପଡ଼; ଯଦି କହିବ ମୋର ଡ୍ରାଇଭରଟା ତୁମକୁ ନେଇ ଷ୍ଟେସନ୍‌ରେ ଛାଡ଼ି ଦେଇ ଆସିବ ।

ଅଶୋକ—ବେଶ୍ ଚାଲନ୍ତୁ ଉଦୟବାବୁ ।

ଉଦୟ—If you do not mind Dr. Roy···

ଡା: ରାୟ—ନିଃସଙ୍କୋଚରେ କହିପାର ଉଦୟ ।

Digitized by srujanika@gmail.com

ଉଦୟ—ଆପଣଙ୍କ Vanରେ accomodation ହେବେ ?

ଡା: ରାୟ—ଓଃ ବୁଝିଲି, ତାହେଲେ ତ ଉଦୟ, ତୁମେ, ତୁମର ପେସେଣ୍ଟ ଓ ଅଶୋକବାବୁ ମଧ୍ୟ ଏକା ସାଙ୍ଗରେ ଯାଇ ପାରନ୍ତ । ଆମେ ସମସ୍ତେ ଭ୍ୟାନରେ ସିଧା ସଳଖ ଚାଲି ଯାଇପାରିବା--ରୋଗୀର ଚିକିତ୍ସା ବ ହୋଇପାରିବ··· ନାଟକ ଦେଖା ମଧ୍ୟ ହୋଇପାରିବ···

ଉଦୟ—That's very kind of you Dr. Roy ମୋତେ ବଡ଼ ଦୁଃଶ୍ଚିନ୍ତାରୁ ରକ୍ଷାକଲେ—ମୁଁ ଆଗରୁ ଟେଲିଗ୍ରାମ କରି ଜଣାଇଥିଲି । ଏହି ଜନତା ଏକସ୍‌ପ୍ରେସ୍‌ରେ, କମ୍ଭା ତା' ପୂର୍ବରୁ ନିଶ୍ଚୟ ଯାଇ ପହଞ୍ଚିବ ବୋଲି । ଏହି ଗାଡ଼ିକୁ ସେମାନେ ନିଶ୍ଚୟ ଅପେକ୍ଷା କରିଥିବେ ।

ଡା: ରାୟ—ତାହେଲେ ଏହି ଜନତା ଏକସ୍‌ପ୍ରେସ୍ ଗାଡ଼ିରେ ମୋ ସାଙ୍ଗରେ ଥିବା ଆସିଷ୍ଟାଣ୍ଟମାନଙ୍କ ଭିତରୁ ଜଣକୁ ବିଦାୟ କରି ଦେଉଛି ।

ଉଦୟ—ତାଙ୍କ ହାତରେ ଏହି ଚିଠି ଖଣ୍ଡିକ ମଧ୍ୟ ପଠାଇଦେବେ ଡା: ରାୟ ।

ଡା: ରାୟ—ଆପଣମାନେ ତାହେଲେ Ready ହୋଇଯାନ୍ତୁ । ମୁଁ Vanଟା ନେଇ ଏହି ଅଳ୍ପ ସମୟ ଭିତରେ ପହଞ୍ଚି ଯାଉଛି—

ଉଦୟ—ଆମେ ତାହେଲେ ନିଶ୍ଚିନ୍ତରେ ରହିଲୁ···

(ପ୍ରସ୍ଥାନ—ମଞ୍ଚ ଅନ୍ଧକାର ହୋଇଗଲା)

Digitized by srujanika@gmail.com

ଦୃଶ୍ୟାନ୍ତର

□

[ଷ୍ଟେଜର ଅଭ୍ୟନ୍ତର । ବ୍ୟସ୍ତ ମନରେ ଘନ ଘନ ଘଣ୍ଟା ଉପରେ ନଜର କରୁ କରୁ ପଦଚାଳନା କରୁଥିଲେ ସେକ୍ରେଟାରୀ]

ସେକ୍ରେଟାରୀ - ନା ! ମଣିଷ ଆଉ ନିଶ୍ଚିନ୍ତ ହୋଇ ପାରିଲା ନାହିଁ । ଅଚ୍ଛା ସେକ୍ରେଟାରୀ ହେଲି—ସବୁ ଦୋଷ ମୋର ମୁଣ୍ଡରେ ଲଦି ଦେଇ ଅନ୍ୟମାନେ ବେଶ୍ ନିଶ୍ଚିନ୍ତ ହୋଇ ଯାଉଛନ୍ତି ।

(ସୂତ୍ରଧାର ପ୍ରବେଶ)

ସୂତ୍ରଧା—ଧମସ୍ତଙ୍କୁ ମେକ୍‌ଅପ୍ ହେବାକୁ କହିଦେଇ ବେଶ୍ ନିଶ୍ଚିନ୍ତରେ ତ ଏଠି ବସିଗଲେ ।

ସେକ୍ରେଟାରୀ—ମୁଁ ବସିଛି ? ସନ୍ଧ୍ୟାବେଳୁ ଏତେବେଳ ଯାଏ କେଉଁଠି ବସିଥିବାର ଦେଖିଛନ୍ତି ?

ସୂତ୍ରଧା—ହେଲା ଏବେ ଠିଆ ହେଉଛନ୍ତି---କିନ୍ତୁ ଆପଣ ତ ଠିଆହେଲେ ହେବ ନାହିଁ । ଆପଣଙ୍କ ହୃଦୟବାବୁଙ୍କୁ ଠିଆ କରାଇବେ ବୋଲି କହି ଆସିଲେ । କାହାନ୍ତି ହୃଦୟ ବାବୁ···?

ସେକ୍ରେଟାରୀ—କାର୍‌ରେ ଆସୁଛନ୍ତି···କାର୍‌ରେ ଆସୁଛନ୍ତି··· ଟିକିଏ ଅପେକ୍ଷା କରିଯାନ୍ତୁ ।

Digitized by srujanika@gmail.com

ସୁଚନ୍ଦ୍ରା—ଆମ ଅପେକ୍ଷାରେ କଣ୍ଟ କଥା ନାହିଁ ସେକ୍ରେଟାରୀବାବୁ, ଦର୍ଶକମାନେ ଅପେକ୍ଷା କରିପାରିଲେ ହେଲା । ଜାଣନ୍ତି ନ'ଣ ପଡ଼ୁଛି ନାହିଁ ଦର୍ଶକମାନଙ୍କ ମଧ୍ୟରୁ ଘନ ଘନ କରତାଳି ।

ସେକ୍ରେଟାରୀ—ମୁଁ ଏବେ କଣ କରିବି ସେ ସୁଚନ୍ଦ୍ରା ଦେବୀ...

ସୁଚନ୍ଦ୍ରା—ସନ୍ଧ୍ୟାବେଳୁ 'ସୋ'ଟାକୁ ବନ୍ଦ ନ ରଖି ଏତେବେଳ-ଯାଏ ଦର୍ଶକମାନଙ୍କୁ ତୁଚ୍ଛା ମିଛ କଥା କହି କାହିଁକି suspenseରେ ରଖିଲେ ।

ସେକ୍ରେଟାରୀ—ମିଛ କଥା...କେଉଁଟା ମିଛ କଥା କହିଲେ.... ଉଦୟବାବୁଙ୍କ ହିରୋ ଭୂମିକାରେ ପାର୍ଟ କରିବା କଥା ମିଛ, ନା ପ୍ରିନସିପାଲଙ୍କ ପାଖରେ କଥା ଦେଇଥିବା ମିଛ, ନା ତାଙ୍କର ଟେଲିଗ୍ରାମ କରିବା ମିଛ...ନା ତାଙ୍କର ଏହି ଶେଷ ଚିଠି ଖଣ୍ଡିକ ମିଛ । ଚିଠି ତ ତୁମେ ପଢ଼ିଲ...ତାର ଶେଷରେ ଯାହା ଲେଖା ହୋଇଥିଲା ସେ କଣ ମିଛ ? ତୁମ ଆଖିରେ ତ ତୁମେ ପଢ଼ିଛ...କେତେ sure ହୋଇ ସେ ଲେଖିଛନ୍ତି...'ସୋ' ଟାଇମ୍‌କୁ ସେ ନିଶ୍ଚୟ ପହଞ୍ଚିବେ ।

ସୁଚନ୍ଦ୍ରା—ତାହେଲେ Janata express ପରି ତାଙ୍କ କାର୍‌ର ସେମିତି କିଛି ଦୁର୍ଘଟଣା ଘଟିଲା ନାହିଁ ତ ?

ସେକ୍ରେଟାରୀ—ସେ କଥା କୁହ ନାହିଁ ସୁଚନ୍ଦ୍ରା ଦେବୀ । ତାହେଲେ ଏଠି ଦୁର୍ଘଟଣାର ସୀମା ରହିବ ନାହିଁ ।

ସୁଚନ୍ଦ୍ରା—ତାହେଲେ ଆମେମାନେ ମେକ୍‌ଅପ୍ ହୋଇ କେତେ ସମୟ ବସି ରହିବୁ ?

Digitized by srujanika@gmail.com

ସେକ୍ରେଟାରୀ—ଆପଣଙ୍କର ମେକ୍ଅପ୍ ତ ସରନାହିଁ ବୋଧହୁଏ
—ତାପରେ ଡ୍ରେସଟା ମଧ୍ୟ...

ସୁଚନ୍ଦା—କାହିଁକି ଏ ଡ୍ରେସ କ'ଣ ଚଳିବ ନାହିଁ ।

ସେକ୍ରେଟାରୀ—ଆମ ଦେଶର Middle class family ଝିଅ କେବେ ଜର୍ଜେଟ୍ ଶାଢ଼ୀ ପିନ୍ଧିବାର ଦେଖିଛ ?

ସୁଚନ୍ଦା—ମୋର ତ ଅନ୍ୟ ଶାଢ଼ୀ ନାହିଁ ।

ସେକ୍ରେଟାରୀ—ତାହେଲେ ଅନ୍ୟ କେଉଁଠାରୁ ଖଣ୍ଡେ ହ ଖଣ୍ଡ ଯୋଗାଡ଼ କରିବା ଉଚିତ ଥିଲା ।

ସୁଚନ୍ଦା—ଆପଣ କହୁଥିଲେ ପରା ଖାଲି ଅଭିନୟ କରିବା କଥା, ତାହେଲେ କ'ଣ ଏ ଶାଢ଼ୀରେ ଚଳିବନି । ମୋ କଥାରୁ କଣ ଲୋକ ଜାଣିପାରିବେନି ମୁଁ ଗୋଟିଏ Middle class family ଝିଅ ଭୂମିକାରେ ଅଭିନୟ କରୁଛି ।

(ଅନ୍ତରାଳରୁ କରତାଳିର ଶବ୍ଦ)

ସେକ୍ରେଟାରୀ—ଆଃ, ପୁଣି କରତାଳି ପଡ଼ିଲାଣି । କଣ କରିବା...
କଥାଟା ଯେତେ ଆଗେଇ ଯାଉଛି, ଏ ଅବସ୍ଥାରେ ସୋ ନ କରିପାରିଲେ ରକ୍ଷା ନାହିଁ ।

ସୁଚନ୍ଦା—ଉପଯୁକ୍ତ ବୁଙ୍କ କଥା ଅପେକ୍ଷା ମୋ କଥାକୁ ବିଶ୍ୱାସ କରି ଯଦି ଆଜି ସୋ'ଟା ବନ୍ଦକରି ଦେଇଥାନ୍ତେ ତାହେଲେ କେଡ଼େ ଭଲ ହୋଇଥାନ୍ତା । ଏଥର ବିଶ୍ୱାସ କରି ଦେଖନ୍ତୁ...

Digitized by srujanika@gmail.com

ସେକ୍ରେଟାରୀ—ମୋତେ କେବଳ ଗୋଟିଏ ବସ୍ତୁର ଦରକାର ସୁଚନ୍ଦା ଦେବୀ, କେବଳ ଗୋଟିଏ ମାତ୍ର ବସ୍ତୁର ।

ସୁଚନ୍ଦା—କଣ ?

ସେକ୍ରେଟାରୀ—ସେ। ଯେକୌଣସି ପ୍ରକାର କରିବାକୁ ହେବ ।

ସୁଚନ୍ଦା—କଣ without Hero ?

ସେକ୍ରେଟାରୀ—ନା···ତା ନୁହେଁ, ତୁମେ ଯଦି ଇଚ୍ଛା କରନ୍ତ···

ସୁଚନ୍ଦା—କଣ Double roll play କରିବ ? Both Hero and Heroine ?

ସେକ୍ରେଟାରୀ—ଠିକ୍ ତା ନୁହେଁ ସୁଚନ୍ଦା ଦେବୀ ! ତୁମେ ଯଦି ମୋ proposalଟା accept କରିଯାନ୍ତ ?

ସୁଚନ୍ଦା—If possible I shall try । ଆପଣ ଆଗ ଆପଣଙ୍କ proposalଟା କଣ କୁହନ୍ତୁ ।

ସେକ୍ରେଟାରୀ—ତୁମେ ତ ଜାଣ ସୁଚନ୍ଦା ଦେବୀ ମୁଁ regularly ରିହାର୍‌ସାଲ୍ attend କରୁଥିଲି ।

ସୁଚନ୍ଦା—ତାହେଲେ କୁହନ୍ତୁ ନା ଆପଣଙ୍କ ଆଖିରେ ଯଦି ଏହି Role କରିପାରିବା ଭଳି କିଏ ଅଛନ୍ତି ?

ସେକ୍ରେଟାରୀ—ମାନେ···ମୁଁ ଯଦି ସେ ରୋଲଟା କରେ, ତାହେଲେ କେମିତି ହେବ ?

ସୁଚନ୍ଦା—ସେକ୍ରେଟାରୀବାବୁ !

ସେକ୍ରେଟାରୀ—ନା, ପାର୍ଟ ବିଷୟରେ କିଛି ଚିନ୍ତା କରନ୍ତୁ ନାହିଁ । ମୋର ପ୍ରାୟ ସବୁ ମୁଖସ୍ଥ ଅଛି ।

Digitized by srujanika@gmail.com

ସୁଚନ୍ଦ୍ରା—ସାମନାରେ ବାପା ବସିଛନ୍ତି, ଦେଖିପାଉ ନାହାନ୍ତି ?

ସେକ୍ରେଟାରୀ – ବେଶ୍ ତ ବୃଦ୍ଧାଲୋକଙ୍କୁ ଢ଼ଇଗଣ ନ କରି ଚଞ୍ଚଳ ଚଞ୍ଚଳ କାମ ବଢ଼ାଇଦେବା ।

ସୁଚନ୍ଦ୍ରା— ଚଞ୍ଚଳ ହୋଇପାରେ, କିନ୍ତୁ ହୁଏତ ଶେଷ ପର୍ଯ୍ୟନ୍ତ ସୋ ନ ହୋଇପାରେ ।

ସେକ୍ରେଟାରୀ – ମାନେ···

ସୁଚନ୍ଦ୍ରା – ମାନେ, ବାପା ହୁଏତ ସିଧାସଳଖ ତାଙ୍କ ସିଟ୍‌ରୁ ଉଠିଆସିବେ ଏବଂ ରଙ୍ଗମଞ୍ଚ ଉପରକୁ---ସେତେବେଳେ ଆପଣ ଡ୍ରପ୍ ପକାଇବାକୁ ବାଧ୍ୟ ହେବେ ।

ସେକ୍ରେଟାରୀ—କାହିଁକି ?

ସୁଚନ୍ଦ୍ରା—ଆପଣଙ୍କ opposit ରେ ମୁଁ ପାର୍ଟ କରିବାକୁ ସେ ପସନ୍ଦ କରନ୍ତି ନାହିଁ ।

ସେକ୍ରେଟାରୀ—କାହିଁକି ?

ସୁଚନ୍ଦ୍ରା —ତାଙ୍କର ଧାରଣା ଆପଣଙ୍କଠାରୁ ଖରାପ ଛୁଅ ଏ ମେଡ଼ିକାଲ୍ କଲେଜରେ କେହି ନାହାନ୍ତି ।

ସେକ୍ରେଟାରୀ –ଅବଶ୍ୟ ବହିପଢ଼ା ଛୁଅ ହିସାବରେ ତୁମର ବାପାଙ୍କର ଧାରଣା ନିର୍ଭୁଲ, କିନ୍ତୁ ଅଭିନୟ ପାଇଁ ସେ Qualificationଟା ବଡ଼ ନୁହେଁ·····ତେବେ ତୁମକୁ ବାପା ଅନୁମତି ଦେଲେ କେମିତି ?

ସୁଚନ୍ଦ୍ରା—ଉଦୟବାବୁଙ୍କ oppositରେ ପାର୍ଟ କରିବା କଥା ଶୁଣି···

Digitized by srujanika@gmail.com

ସେକ୍ରେଟାରୀ—ଅଭୟଙ୍କୁ କହିବାର ଚେଷ୍ଟା ମୋଠାରୁ ଉଦୟବାବୁଙ୍କର କେଉଁ ଗୁଣରେ ଭଲ ?

ସୁଚରିତା—ତା ଅବଶ୍ୟ ମୁଁ ମାନୁଚି; କିନ୍ତୁ—

(ଆଶା ଦେବୀଙ୍କର ପ୍ରବେଶ)

ଆଶା—କିଛି କହନାହିଁ ସୁଚରିତା···ତୁମେ ଏ ପ୍ରସ୍ତାବରେ ରାଜି ହୋଇଯାଅ ।

ସୁଚରିତା—ତୁମେ ବୁଝିପାରୁ ନାହଁ ଆଶା····

ଆଶା—ତୁମର କେଉଁ କଥାଟା ଆଜ ମୋର ବୁଝିବାକୁ ବାକି ଅଛି ? କେଉଁ କଥାଟା ବା ତୁମେ ମୋଠାରୁ ଗୋପନ ରଖିଛ ?

ସୁଚରିତା—ତୁମେ କଣ ବାପାଙ୍କ କଥା ଜାଣ ନାହିଁ ଆଶା ।

ଆଶା—ଜାଣେ, ଜାଣେ; ଖୁବ୍ ଭଲ ରକମ ଜାଣେ । ବୁଢ଼ା ବୟସରେ କେଉଁ ବାପା ରହିଁବେ ଆଉ ବେଶି ସମୟ ଅପେକ୍ଷା କରିବାକୁ ? ଚୁଲ୍, ଛେଡ଼ ହୋଇପଡ଼, ଅନ୍ତତଃ ତୁମର ଏହି ନଗଣ୍ୟ ବନ୍ଧୁଟି ତାର Minor Roleଟା Successfully play କରିବାର ସୁଯୋଗ ପାଉ···

ସେକ୍ରେଟାରୀ—ମୁଁ ତୁମ ପ୍ରସ୍ତାବକୁ ଅନ୍ତରର ସହିତ ଅନୁମୋଦନ କରୁଚି ଆଶାଦେବୀ···

ସୁଚରିତା—ମୋର ଆଉ ଗୋଟାଏ ପ୍ରସ୍ତାବ ବିଚାର କରି ଦେଖନ୍ତୁ ସେକ୍ରେଟାରୀବାବୁ ।

ସେକ୍ରେଟାରୀ—କୁହନ୍ତୁ, ଯାହା କହୁଛନ୍ତି ଚଞ୍ଚଳ କୁହନ୍ତୁ···

Digitized by srujanika@gmail.com

ସୁଚନ୍ଦା—ଆପଣ ଦେଖନ୍ତୁ···ଆଃ···ଦେମାଆଜ୍ଞେ ନୂଚନ୍ଦ, ଆଶା ଆଜ୍ଞେ ଦେଖନ୍ତୁ···ଠିକ୍ Middle class familyର ଝିଅଟିର ସେନ୍ଦର ଯେମିତି ଆପଣ କଳ୍ପନା କରୁଥିଲେ···ଆପଣଙ୍କର ଯଦି କିଛି ଆପତ୍ତି ନ ଥାଏ, ତାହେଲେ ଆଶା ବରଂ ମୋ ରୋଲଟାରେ play କରନ୍ତୁ, ମୁଁ ତାଙ୍କ ପାର୍ଟଟା ମ୍ୟାନେଜ୍ କରିଦେବି···

ଆଶା—ମୁଁ କିନ୍ତୁ ମ୍ୟାନେଜ୍ କରିପାରିବିନି ।

ସେକ୍ରେଟାରୀ—ତାହେଲେ ଉପାୟ ? ଯେମିତି ହେଲେ ମ୍ୟାନେଜ୍ କରିବାକୁ ପଡ଼ିବ ।

ସୁଚନ୍ଦା--ମ୍ୟାନେଜ୍ କରିବା କଥା ଯଦି ତାହେଲେ ମ୍ୟାନେଜର-ବାବୁଙ୍କୁ ଡାକନ୍ତୁ···ଆଶାର opposite ଭୂମିକାରେ ହିରୋ ରୋଲ୍‌ରେ ପାର୍ଟ କରନ୍ତୁ···

(ମ୍ୟାନେଜର୍‌ର ପ୍ରବେଶ)

ମ୍ୟାନେଜର—ନାହିଁ, ଆଜ କାହାକୁ ହିରୋ ଖୋଜିବା ଦରକାର ନାହିଁ ।

ସେକ୍ରେଟାରୀ—କାହିଁକି ମ୍ୟାନେଜରବାବୁ ?

ମ୍ୟାନେଜର—ମଟର ଆସି ପହଞ୍ଚି ଗଲାଣି ।

ସୁଚନ୍ଦା--ଉଦୟବାବୁ ଆସିଚନ୍ତି ?

ମ୍ୟାନେଜର—ହଁ, ହଁ । ଏକା ଉଦୟବାବୁ ନୁହଁନ୍ତି ଆହୁରି ଅନେକ ମଧ୍ୟ ସାଙ୍ଗରେ ଅଛନ୍ତି । ଯାଆନ୍ତୁ ଆପଣମାନେ ଆପଣଙ୍କ dressing painting ଚଞ୍ଚଳ ସାରି ନିଅନ୍ତୁ ।

Digitized by srujanika@gmail.com

ମୁଁ ସେଟ୍‌ଟା ସଜାଡ଼ ଦେଇ, Third Bell ଦବାର ବ୍ୟବସ୍ଥା କରୁଚ ।

ସେକ୍ରେଟାରୀ—ଆସ ସୁଚନା ଦେବା ! ଦେଖନ୍ତୁ ମ୍ୟାନେଜରବାବୁ, ଏତେ ଡେର ହେଲଣି—ଆପଣ ଡ୍ରପ୍ ଉଠାଇ ନଥିନ୍ତୁ— ଅଗ କିଛୁ ଗୋଟାଏ ନାଚ ଗୀତ ଦେଇଥାନ୍ତୁ···ତାପରେ Real ନାଟକ ଆରମ୍ଭ କରିବା ।

ମ୍ୟାନେଜର—ଅପଣ ଆଗ ଯାଇ ବାହାର ବ୍ୟବସ୍ଥା ଦେଖନ୍ତୁ··· ମୁଁ ମୋଟେ ଡେରି କରୁନ···

(ସୁଚନା ଓ ସେକ୍ରେଟାରୀ ପ୍ରସ୍ଥାନ)

ମ୍ୟାନେଜର—ଆଜ ଆପଣ ଛୁଡ଼ାହୋଇ ରହିଲେ କହିଁକି ?

ଆଶା—ଏ ଖବରଟା କ'ଣ ଆଜ କିଛି ସମୟ ପରେ ଶୁଣାଇ-ଥିଲେ ଚଳି ନ ଥାନ୍ତା ?

ମ୍ୟାନେଜର—ମାନେ ?

ଆଶା—ହିରୋଇନ୍ ରୋଲ୍‌ରେ ଓହ୍ଲାଇବାର ଯେଉଁ opportu-nityଟା ମିଳୁଥିଲା, ତାହା ଏକାବେଳକେ ବୁଡ଼ାଇ ଦେଲେ ?

ମ୍ୟାନେଜର—(ବ୍ୟଙ୍ଗ କରି) ଆପଣ ହିରୋଇନ୍ ହୋଇଥିଲେ ଆପଣଙ୍କ ହିରୋଟି କିଏ ହୋଇଥାନ୍ତା ଶୁଣେ ?

ଆଶା—ତା ଆପଣ ମୋଟେ ବୁଝି ପାରୁଥିବେ କି ?

(ମଞ୍ଚ ଅନ୍ଧକାର ହୋଇଗଲା)

Digitized by srujanika@gmail.com

ଦୃଶ୍ୟାନ୍ତର

□

[ରଙ୍ଗମଞ୍ଚର ଅଭ୍ୟନ୍ତର ।
ପ୍ରବେଶ କଲା ସାଧନା]

ସାଧନା— ଉଦୟବାବୁ ! ଉଦୟବାବୁ ! ଉଦୟବାବୁ !

ସୁଚରିତା—(ପ୍ରବେଶ କରି) ଆଃ-ଚୁପ୍ କରନ୍ତୁ, ବଡ଼ disturbance ହେଉଛି, ସିନ୍ ଉଠିଗଲାଣି···

ସାଧନା—ଉଦୟବାବୁ କାହାନ୍ତି । ମୋର ଉଦୟବାବୁଙ୍କଠାରେ ଜରୁରୀ କାମ ଅଛି ।

ସୁଚରିତା—ତାଙ୍କ ସହିତ ଆପଣଙ୍କର ଦେଖା ହୋଇପାରିବନି ।

ସାଧନା—ଦେଖା ହୋଇ ପାରିବନି ?

ସୁଚରିତା—ନା, ନା, ଦେଖାହୋଇ ପାରିବନି···ଚାଲନ୍ତୁ ଆପଣ ସେପାଖେ ବସିବେ ।

ସାଧନା—ବରଂ ଆପଣ ମୋତେ ନେଇଚାଲନ୍ତୁ ଉଦୟବାବୁ ଯେଉଁଠି ଅଛନ୍ତି ।

ସୁଚରିତା—ଅସମ୍ଭବ, ଏକାବେଳକେ ଅସମ୍ଭବ ।

ସାଧନା—ବେଶ୍, ମୁଁ ନିଜେ ଖୋଜିନେବି ।

ସୁଚରିତା—(ସାମନାରେ ଅଟକାଇ) But I will not allow you to proceed further. ମୁଁ ଆପଣଙ୍କୁ ଆଉ ପାଦେହେଲେ ଆଗେଇବାକୁ ଦେବିନି ।

ସାଧନା—କଣ ଜବରଦସ୍ତି ?

ସୁଚରିତା—ହଁ ହଁ, ଜବରଦସ୍ତି ।

Digitized by srujanika@gmail.com

ସାଧନା — ଆଜ୍ଞା, (ଫେରିଯାଉଥିଲା ପୁଣି କ'ଣ ଭାବି ଫେରିଲା) ଆପଣ ବୋଧହୁଏ ଏଠାକାର ବିଖ୍ୟାତ ବାରିଷ୍ଟରଙ୍କର ଏକମାତ୍ର କନ୍ୟା ?

ସୁଚରିତା— ଶ୍ରୀମତୀ ସୁଚରିତା ଦେବୀ । ଆଉ କିଛି ଜାଣିବାକୁ ଚାହାଁନ୍ତି ?

ସାଧନା—ଆପଣ ତାହେଲେ ଅଜର ନାଟକର ହିରୋଇନ୍ ?

ସୁଚରିତା — ହଁ । ଉଦୟବାବୁଙ୍କ opposits Roleରେ ପାର୍ଟ କରିବାକୁ ମୋତେ ଭାରି ଭଲଲାଗେ ।

ସାଧନା — ଜାଣି ଖୁସି ହେଲି । ଧନ୍ୟବାଦ ! (ଫେରି ଯାଉଥିଲେ)

ସୁଚରିତା—ଶୁଣନ୍ତୁ !

ସାଧନା—(ଫେରିପଡ଼ି) ମୋତେ କହୁଛନ୍ତି ?

ସୁଚରିତା—ଆପଣଙ୍କ ପରିଚୟଟା କହିଲେ ନାହିଁ ତ ?

ସାଧନା— ଅଖ୍ୟାତ ପଲ୍ଲୀ ଅଞ୍ଚଳର ଏକ ମଧ୍ୟବିତ୍ତ ପରିବାରର ପରିଚୟହୀନା ଝିଅ...

ସୁଚରିତା— ନାଁ ବୋଧହୁଏ ସାଧନା ।

ସାଧନା—ଦେଖୁଚି ଆପଣ ମୋ ନାଁ ପର୍ଯ୍ୟନ୍ତ ମଧ୍ୟ ଜାଣନ୍ତି ।

ସୁଚରିତା—ବାଃ, ଆପଣ ତ ମୋ ବିଷୟରେ କିଛି କମ୍ ଜାଣି ନାହାନ୍ତି ।

ସାଧନା — ଜାଣିବାରେ କିଛି ଭୁଲ୍ ହୋଇ ନାହିଁତ ?

ସୁଚରିତା—ବାହାରର ପରିଚୟଟା ଜଣେ ମଣିଷର ପ୍ରକୃତ ପରିଚୟ ?

ସାଧନା — ଆପଣଙ୍କ ଅନ୍ତରର ପରିଚୟ ମୁଁ ପାଇଚି ସୁଚରିତା ଦେବୀ !

Digitized by srujanika@gmail.com

ସୁଚରିତା—ସାଧନା, ମୁଁ ଯଦି ଆଗରୁ ଏହା ଜାଣିଥାନ୍ତି, ଏ ଭୁଲ୍ କେବେ କରି ନଥାନ୍ତି ।

ସାଧନା—ନା, ନା ସୁଚରିତା ଦେବୀ । ଆପଣ ଯାହା କରିଛନ୍ତି ଠିକ୍ କରିଛନ୍ତି । ମଣିଷକୁ ମଣିଷ କଲାଭଳି ଜିନିଷ ଆପଣଙ୍କ ପାଖରେ ଅଛି । କିନ୍ତୁ ମୋ'ଠି କଣ ଅଛି । ଦେଖୁନାହାଁ, ମୁଁ କେତେ ନିଃସ୍ୱ-ସମ୍ବଳହୀନ । ବରଂ ଉଦୟବାବୁଙ୍କ ପଛେ ପଛେ ଧାଇଁଚି କାନପାତି ତାଙ୍କଠାରୁ ତାଙ୍କର ସର୍ବସ୍ୱ ମାଗି ନେବାପାଇଁ ।

ସୁଚରିତା—ସାଧନା ! ଆପଣଙ୍କୁ ଏ ଭିଖାରୁଣୀର ବେଶ ବଦଳାଇବାକୁ ପଡ଼ିବ । କାରଣ ଆପଣଙ୍କ ଫୁଲ ସବୁଦିନ ପାଇଁ ଖାଲି ରହିଯିବ ।

ସାଧନା—ଏହା ମଧ୍ୟ ତୁମର ସତ୍ୟ ହେଉ ନାହିଁ ।

ସୁଚରିତା—ନା, ନା, ମୋଟେ ନୁହେଁ । ଯଦି ଉଦୟବାବୁଙ୍କ ଭବିଷ୍ୟତ ଉଜ୍ଜ୍ୱଳମୟ ଦେଖିବାକୁ ଚାହଁ, ତାଙ୍କ ପିଛା ଛାଡ଼ ।

ସାଧନା—ମୁଁ ନିଜେ ଛାଡ଼ିବାକୁ ପ୍ରସ୍ତୁତ ଅଛି । କିନ୍ତୁ ସେ ମୋତେ ଛାଡ଼ିପାରିଲେ ହେଲା ।

ସୁଚରିତା—ତାଙ୍କୁ ମଧ୍ୟ ତାଙ୍କର ସେ ପୂର୍ବ ଅଭ୍ୟାସ ଛାଡ଼ିବାକୁ ପଡ଼ିବ ।

ସାଧନା—ଆପଣ ଟିକିଏ ଯତ୍ନ କଲେ ସେ ତାଙ୍କର ସେହି ଖରାପ ଅଭ୍ୟାସଟାକୁ ଛାଡ଼ି ଦିଅନ୍ତେ । ସେ ନିଜେ ହୁଏତ ଛାଡ଼ି ଦେବାକୁ ପ୍ରସ୍ତୁତ, କିନ୍ତୁ ତାଙ୍କର ଧର୍ମର ପ୍ରଭାବ ତାଙ୍କ ଉପରେ ଏତେ ବେଶୀ···

Digitized by srujanika@gmail.com

ସୁଚରିତା—ତାଙ୍କର ଧର୍ମ ?

ସାଧନା—ହଁ, ସେ ଜଣେ ଡାକ୍ତର କି ନା ? ଆଜି ମୁଁ ଜଣେ ରୋଗୀ, ମୋ ପ୍ରତି ତାଙ୍କର ଯାହା ଆଗ୍ରହ ନାହିଁ, ଅଛି ମୋର ଏଇ ରୋଗଟା ଉପରେ । ଭାଇଙ୍କ ପାଖରେ ସେ ଶପଥ କରିଛନ୍ତି ଏହି ରୋଗକୁ ସେ ଭଲ କରିଦେବେ । ମୁଁ ଭାଇଙ୍କି କେତେଥର ମନା କରିଛି ଉଦୟବାବୁଙ୍କୁ ବ୍ୟସ୍ତ ନ କରିବାକୁ, କିନ୍ତୁ ଭାଇ କ'ଣ ମାନନ୍ତି ? ଆପଣ ସୁଚରିତାଦେବୀ, ନା-ନା ଭଉଣୀ ବୋଲି କୁହେ, ଭଉଣୀ ! ମୋ ରୋଗ କଥା ଶୁଣି ଉଦୟବାବୁ ଯେତେବେଳେ ଚଞ୍ଚଳ ହୋଇ ଉଠିବେ, ତାଙ୍କୁ ଟିକିଏ ଶାନ୍ତ କରାଇ ରଖିନେବ···କୌଣସି ପ୍ରକାରେ ଛାଡ଼ି ଦେବ ନାହିଁ । ତାହେଲେ ସବୁ ଠିକ୍ ହୋଇଯିବ । ମୁଁ ଜାଣେ ରୋଗଟା ଯେ ପ୍ରକାର ମୋତେ ଆକ୍ରମଣ କରିଛି··· ଆଉ ବେଶୀଦିନ ନୁହେଁ···

ସୁଚରିତା—ସାଧନା-ଭଉଣୀ !

ସାଧନା—ମୋତେ କଥା ଦିଅ ଭଉଣୀ, ତୁମେ ମୋ କଥା ରଖି ପାରିବ ?

ସୁଚରିତା—ନା ଭଉଣୀ, ପାରିବି ନାହିଁ···ସେ କଥା ମୁଁ କହିପାରିବି ନାହିଁ ।

ସାଧନା—ଏତିକରେ ଭାଙ୍ଗି ପଡ଼ିଲ ଭଉଣୀ !

ସୁଚରିତା—କମିତି ପାରିବି କହିଲ ? ମୁଁ ନିଜେ ଜଣେ ଡାକ୍ତର । ରୋଗୀର ରୋଗ ଦୂର କରିବା ଡାକ୍ତର ଜୀବନର ଚରମ ସାର୍ଥକତା । ତାଙ୍କର ସାଧନା ପଥରୁ ମୁଁ ତାଙ୍କୁ ଫେରାଇ

Digitized by srujanika@gmail.com

ଆଣି ପାରିବନି ଭଉଣୀ—ମୁଁ ତାଙ୍କୁ ମୋତେ ଫେରାଇ ଆଣି ପାରେନା ।

(ମ୍ୟାନେଜରଙ୍କ ପ୍ରବେଶ)

ମ୍ୟାନେଜର—ସୁଚିତ୍ରା ଦେବୀ ! ଆପଣଙ୍କ ପାର୍ଟ ପଢ଼ିବାର ସମୟ ହୋଇଗଲା । ରେଡ଼ି ହୋଇ ଯାଆନ୍ତୁ···

(ପ୍ରସ୍ଥାନ)

ସାଧନା—ଯାଅ ଭଉଣୀ—ଏଥର ତୁମ ବେଳ ହୋଇଗଲା । ତୁମକୁ ଅଟକାଇବା ମୋର ଉଚିତ ନୁହେଁ ।

ସୁଚିତ୍ରା—(ସାଧନାକୁ ଧରିକି) କବିର କଳ୍ପନା ରୂପ ପାଇଛି ତୁମଠି ଭଉଣୀ । ତୁମେ ଯଦି ଆଜିକାର ନାଟକରେ ହିରୋଇନ୍ ଭୂମିକାରେ ଅଭିନୟ କରନ୍ତ, ତାହେଲେ ମୋଠାରୁ ଆଜି ସୁଖୀ ଆଉ ଦୁନିଆରେ କେହି ହୁଅନ୍ତା ନାହିଁ ।

ସାଧନା—ତୁମ ସୋସାଇଟିରେ ମୋର ସ୍ଥାନ ନାହିଁ ଭଉଣୀ ।

ସୁଚିତ୍ରା—ଅଛି ଭଉଣୀ । ଆମ ସୋସାଇଟିରେ ତୁମପରି ଲୋକର ସ୍ଥାନ ସବୁ ପ୍ରଥମ···ରୋଗୀ ଭିନ୍ନ ଡାକ୍ତରଙ୍କର ଅସ୍ତିତ୍ୱ କାହିଁ ? କ'ଣ ପାରିବ ?

(ଅନ୍ତରାଳରୁ—ସୁଚିତ୍ରାଦେବୀ-Reddy)

ସାଧନା—ଅସମ୍ଭବକୁ ସମ୍ଭବ କରାଇବାକୁ ଋହୁଁଚ ଭଉଣୀ ?

Digitized by srujanika@gmail.com

ସୁଚନ୍ଦା—ମୁଁ ଜାଣେ ସାଧନାର ଅସାଧ୍ୟ କିଛି ନୁହେଁ । ଲଜ୍ଜା
 କରିବାର କିଛି ନାହିଁ—ଉଦୟବାବୁଙ୍କ ପାଖରେ ତୁମେ ତ
 ଆଉ ଅଭିନୟ କରିବ ନାହିଁ...

ସାଧନା—ନା, ଭଉଣୀ...

ସୁଚନ୍ଦା—ଆଚ୍ଛା ଏ ପାଖକୁ ଆସ...ଦେଖିବା କେମିତି ନା'
 କିଛି ସାହି ପାଇଯିବ · ଆସ ।

(ଟାଣିନେଇ ପ୍ରସ୍ଥାନ)

Digitized by srujanika@gmail.com

ଦୃଶ୍ୟାନ୍ତର

□

[ରଙ୍ଗମଞ୍ଚର ଗୋଟିଏ କରୁଣ ଦୃଶ୍ୟ । ପଶ୍ଚାଦ୍‌ଭାଗରେ କଳାପରଦା ତନ୍ଦ୍ରା ଗୋଟିଏ ଅନିଶ୍ଚିତତାର ବାତାବରଣ ସୃଷ୍ଟି କରୁଚି । ଆଲୋକ ମଳିନ—କାଳିମାମୟ ଅଙ୍ଗତରୁ ଏ ପର୍ଯ୍ୟନ୍ତ ଆଶାର ସୂର୍ଯ୍ୟୋଦୟ ହେବାକୁ ବହୁତ ଡେରି ଅଛି । ଅଙ୍ଗତ ସମାଜର ଗୋଟିଏ ସ୍ୱାକ୍ଷରିକା । ମୃତ ସମାଜର ସୂଚନା ଦିଏ କେତେଗୁଡ଼ିଏ ହାଡ଼ କଙ୍କାଳ ଓ ସମାଧି, ତାରି ମଧ୍ୟରେ ଗୋଟିଏ ଅଣ୍ଟା ଗଛ ନିକଟରେ ଛିଡ଼ା ହୋଇଛି ଉଦୟ । ସତରେ ତାର ମୁଖ ମଣ୍ଡଳରୁ ଯେପରି ଉଦୟ ସୂର୍ଯ୍ୟର ଅରୁଣିମା ବିଚ୍ଛୁରି ପଡ଼ୁଛି—ସେ ଯୁବକ—ସେ ସଂଗ୍ରାମୀ—ତାର ସଂଗ୍ରାମର ଅନ୍ତ ନାହିଁ । ଜୀବନର ସମସ୍ତ ଝଡ଼ଝଞ୍ଜାକୁ ଅତିକ୍ରମ କରିପିବାର ଉଦ୍ଦାମ ସାହସ ତାର ବିସ୍ତାରିତ ବକ୍ଷଦେଶ ସୂଚନା ଦିଏ । ଚତୁର୍ଦ୍ଦିଗରୁ ବିଭିନ୍ନ ସ୍ୱରର ତାଚ୍ଛଲ୍ୟଭରା ହସ···]

Digitized by srujanika@gmail.com

ଉଦୟ—ନା—ନା, ମୁଁ ଭୟ କରେନା—ତୁମର ଶତ ଭ୍ରୂକୁଟି ମୋତେ ମୋର ସାଧନା ପଥରୁ କେବେହେଲେ ବଚ୍ୟୁତ କରି ପାରିବ ନାହିଁ । ମୁଁ ମଣିଷ, ହଁ-ମୁଁ ମଣିଷ, ଭଗବାନଙ୍କ ସୃଷ୍ଟିରେ ମୁଁ ଶ୍ରେଷ୍ଠ ସୃଷ୍ଟି—ମୋର ଶ୍ରେଷ୍ଠତ୍ୱ ପ୍ରତିପାଦନରେ ସୃଷ୍ଟିକର୍ତ୍ତାଙ୍କର ବିଜୟ ଘୋଷିତ ହେବ ।

(ତାଚ୍ଛଲ୍ୟଭରା ହସ ଆହୁରି ତୀବ୍ରତର ହେଲା)

ଉଦୟ—ମୋର ଜୟଯାତ୍ରା ଆରମ୍ଭ ହୋଇଛି । ଏହା ଅବାରିତ—ଏହାକୁ କେହି ରୋକି ପାରିବେନି ।

ସ୍ୱର—(ହସ ସହିତ) ଲକ୍ଷ୍ୟସ୍ଥଳ···! (ପୁଣି ହସ)

ଉଦୟ—ଲକ୍ଷ୍ୟସ୍ଥଳ··ଲକ୍ଷ୍ୟସ୍ଥଳ !

ସ୍ୱର—ତା ଜାଣ ନାହିଁକି···(ହସ) କୌଣସି ଅଫିସକୁ ଯିବୁ ହେଁତ ଖଣ୍ଡେ ଋକିରୀପାଇଁ ? ସେଠି No vacancy, (ହସ)

ଉଦୟ No vacancy, ଖାଲି ନାହିଁ····!

ସ୍ୱର—(ହସି) ହଁ-ହଁ, ଖାଲି ନାହିଁ, ତୁମରି ପରି ଶହ ଶହ ନୁହେଁ, ସହସ୍ର ସହସ୍ର ନୁହେଁ—ଲକ୍ଷ ଲକ୍ଷ ବେକାର ଧାଡ଼ିଧରି ଗୋଟିଏ ଋକିରୀପାଇଁ ଏ ଅଫିସରୁ ସେ ଅଫିସ ଘୂରି ବୁଲୁଛନ୍ତି···ଫୁଟ୍‌ପାଥ କିମ୍ବା ପାର୍କର କୌଣସି ପଟେଟ୍‌କ୍ରେ ଭଙ୍ଗା ବେଞ୍ଚ ତାଙ୍କର ବିଶ୍ରାମର ଶୁନ୍ୟତଳ···ଆଉ ଖାଦ୍ୟ ରାସ୍ତା କଡ଼ର କଳପାଣି···ସେ ବି ଯେତେବେଳେ ଶୁଖିଯାଏ ତମରି ପରି ସଙ୍କୀର୍ଣ୍ଣ ହୋଇ କଳ ପାଖରେ ଟଳିପଡ଼ିବ । ପରିଚୟହୀନ ଯୁବକ—ଶେଷରେ ତୁମର କଙ୍କାଳ ହେବ ଏଇ ଡାକ୍ତରୀ ଛାତ୍ରମାନଙ୍କର ପରୀକ୍ଷା-ନିରୀକ୍ଷାର ସମ୍ବଳ ।

(ହସି ଉଠିଲା)

Digitized by srujanika@gmail.com

ଉଦୟ—ନା-ନା, ମୁଁ ତା ହବାକୁ ଦେବ ନାହିଁ । ମୋର ବାହୁରେ ଅମାପ ବଳ, ପାଦତଳେ ସର୍ବଂସହା ପୃଥିବୀ···ମା···ମାଟି ···ମୁଁ ତାକୁ ହାଣିବ, ବିଦାରିବ···ଶସ୍ୟ ଶ୍ୟାମଳା ଜନନୀ ମୋର···ତାର ସନ୍ତାନ ପ୍ରତି କେବେ ନିର୍ଦ୍ଦୟ ହୋଇ ପାରିବନି । ତାର ବକ୍ଷର ନିତ୍ୟ ନିସୃତ ଅମୃତ ଧାର ପାନ କରି ମା'ର ଜୟ ଜୟକାରରେ ଗଗନ ପବନ ମୁଖରିତ ହୋଇ ଉଠିବ । ମୁଁ ଏ ମା'ର ସନ୍ତାନ···ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ···

(ଦୃଢ଼ ମୁଷ୍ଟିରେ ନିଜେ ଶପଥ ନେବାର ଅଭିନୟ)

ସ୍ୱର—(ହସି ଉଠିଛି) ମୁଁ ମଧ୍ୟ ମା'ର ସନ୍ତାନ ଥିଲି । ମୁଁ ଏକା କାହିଁକି ? ଏହି ଚତୁଃପାର୍ଶ୍ୱରେ ଯେତେ ହାଡ଼ମାଳ କଙ୍କାଳର ସ୍ତୂପ ଦେଖୁଚ, ସବୁ ଏହି ଜନନୀ ଜନ୍ମଭୂମିର ପ୍ରିୟ ସନ୍ତାନବର୍ଗଙ୍କର । ମା' ତାର ବକ୍ଷର ଅମୃତ ଦାନ କରି କାହିଁ ସେମାନଙ୍କୁ ତ ବଞ୍ଚାଇ ପାରିଲା ନାହିଁ···କାହିଁ ତାଙ୍କୁ ତ ଲୁଣ୍ଠନକାରୀଙ୍କ ହାତରୁ ମୁକ୍ତି ଦେଇପାରିଲା ନାହିଁ ! ଯୋଉବାଲାଏ ସବୁ ଲୁଟି ନେଲେ···ଦୁର୍ବଳ ଜଳକାପରି ଘୂରିହିଁ ରହିଲେ···ଶୁଖି ଶୁଖି ଜୀବନର ଶେଷ ନିଃଶ୍ୱାସ ଟିକକ ଯେତେବେଳେ ବନ୍ଦ ହୋଇଗଲା; ସେତେବେଳେ ଏହି ମା··· ଏହି ସର୍ବଂସହା ଜନନୀ ତାଙ୍କୁ କୋଳରେ ସ୍ଥାନ ଦେଇଚି··· ସେ ତାଙ୍କୁ ଗୁଣ୍ଡ ଦେଇନି···ଶୁଣିପାରୁଚ ସେ କଙ୍କାଳ ସ୍ତୂପ ମଧ୍ୟରୁ ତାର କାନ୍ଦଣା···

ଉଦୟ—ମା କାନ୍ଦୁଛି···ମା କାନ୍ଦୁଛି···

6

ସ୍ୱର – କାନଡେର୍…ଭଲକରି କାନଡେରି ଶୁଣ କ କହୁଣି ସେ ବୁକୁଫଟା କାନ୍ଦଣାର ସ୍ୱର !

ଉଦୟ—ନା-ନା…ମା'ର ଆଖିର ଲୁହ ମୁଁ ନପାରୁ ଦେଖି… ତାର କାନ୍ଦଣା ।

ସ୍ୱର—ପାରିବ ?

ଉଦୟ—କାହିଁକି ପାରିବନି…ମୁଁ ଏ ଯୁଗର ଉଦ୍ଦାମ ଶକ୍ତି…ମୁଁ ନିର୍ଭୀକ…ଉତ୍ତିଷ୍ଠିତ…ଜାଗ୍ରତ ।

ସ୍ୱର—ଖୋଲିକାଇ ମୁହଁରେ ଦାନା ଦେଇପାରିବ ?

ଉଦୟ—ଖୋଲିକାଇ ହୋଇ କେହି ରହିବେ କାହିଁ ।

ସ୍ୱର—ସେ ମରଣ ପଥର ଯାତ୍ରୀର କରୁଣ ଯନ୍ତ୍ରଣା…

ଉଦୟ—ମୋର ସମସ୍ତ ଭଲପାଇବା ଦେଇ ତାର ଯନ୍ତ୍ରଣାର ଉପଶମ କରିବାକୁ ଶପଥ କରୁଛି ।

ସ୍ୱର—ବେକାରୀ…

ଉଦୟ—ଯିବ…ମୋର ବୁଦ୍ଧିରେ ମୁଁ ବିଜ୍ଞାନର ସବୁ ଉପଯୋଗ କରିବି—ଗଢ଼ିଉଠିବ ବହୁଶିଳ୍ପ…

ସ୍ୱର—ଅତ୍ୟାଚାର ?

ଉଦୟ—ଲୋପ ହେବ ।

ସ୍ୱର – ଲୁଣ୍ଠନ…

ଉଦୟ—ଦୃଢ଼ ହସ୍ତରେ ଦମନ କରାଯିବ ।

Digitized by srujanika@gmail.com

ସ୍ୱର – (ହସିଉଠିଲା)

ଉଦୟ – କ'ଣ ବିଶ୍ୱାସ ହେଉନାହିଁ···

ସ୍ୱର – ରାମରାଜ୍ୟ ଗଢ଼ିବାକୁ ଯାଇ ସ୍ୱୟଂ ରାମଚନ୍ଦ୍ର ମଧ୍ୟ ପରାଭବ ସ୍ୱୀକାର କରିଥିଲେ ।

(ହସିଉଠିବା)

ଉଦୟ – ନା, ମୁଁ ଆଜ କୌଣସି ବାଧା ମାନିବାକୁ ପ୍ରସ୍ତୁତ ନୁହେଁ, ମୁଁ ଯିବି···ଆଗେଇ ଯିବି···

(ହଠାତ୍ ସାଧନା ଭିତରକୁ ପ୍ରବେଶ କରନ୍ତି, ଭାବ ବିହ୍ୱଳ ତାର ଭଙ୍ଗୀ)

ସାଧନା – ମୁଁ ହେବି ତୁମର ସହଯାତ୍ରୀ ଉଦୟ···ମୋତେ ତୁମର ସହଯାତ୍ରୀ କରିନିଅ । ତୁମର ଚଲାପଥର ସମସ୍ତ କଣ୍ଟା ମୁଁ ମୋର କାନପଣତରେ ଓଟାଇ ଦେବି ।

ଉଦୟ—ସାଧନା ! ତୁମେ ଜାଣ ନାହିଁ, ଏ ଯାତ୍ରା କେତେ କଠିନ ।

ସାଧନା—କଣ ରାମଚନ୍ଦ୍ରଙ୍କର ଚଉଦବର୍ଷ ବନଗମନଠାରୁ କଠିନ । ସାବିତ୍ରୀର ସ୍ୱୟଂ ଯମରାଜାର ଅନୁସରଣଠାରୁ କର୍ମମ କମ୍ବା ପଞ୍ଚପାଣ୍ଡବଙ୍କର ସହଗାମିନୀ ଦ୍ରୌପଦୀର ସାଧନା-ଠାରୁ ଆହୁରି ଅସାଧ୍ୟ ?

ଉଦୟ—ସାଧନା !

ସାଧନା—ମୁଁ ତୁମ ପାଖେ ପାଖେ ଉଦୟ··

ଉଦୟ—ବହୁ ଯନ୍ତ୍ରଣା ଜର୍ଜରିତ ଶତାବ୍ଦୀର ଘନ ଅନ୍ଧକାର ମଧ୍ୟରୁ ପୂର୍ବ ଦିଗ୍‌ବଳୟରେ ମୁଁ ଏକ ଆଲୋକରେଖା ସ୍ପଷ୍ଟ

Digitized by srujanika@gmail.com

ଦେଖି ପାରୁଛି । ଅଳ୍ପକ୍ଷଣପରେ ହୁଏତ ସୂର୍ଯ୍ୟୋଦୟ ହେବ···
ଆସ ସାଧନା ! ଆମେ ଏହି ନୂତନ ସୂର୍ଯ୍ୟଙ୍କୁ ଆମର ନମସ୍କାର
ଜଣାଇ ଆଗେଇ ଯିବା ମହାଭାରତର ଯୁଧିଷ୍ଠିର ପ୍ରତିଜ୍ଞା
ନେଇ ସେହି ସ୍ୱର୍ଗରାଜ୍ୟକୁ—ହସିଆର ସାଧନା ! ପଛକୁ
ଚାହଁ ନାହିଁ—ହୁଏତ ତୁମ ମନକୁ ଦ୍ରୌପଦୀର ଦୁର୍ବଳତା ପୁଣି
ସ୍ପର୍ଶ କରିବ···ତୁମେ ପଡ଼ିଯିବ ।

(ଚତୁର୍ଦ୍ଦିଗରୁ କଙ୍କାଳର ହସ ଓ ସ୍ୱର···)

ସ୍ୱର—ନାରୀ···ଦୁର୍ବଳତା ପତନ ତା'ପରେ ମୂର୍ଚ୍ଛା···

ସାଧନା—ଜୟନ୍ତ ! (ଚିତ୍କାର କରି ଉଠୁଛି)

ଜୟନ୍ତ—ସାଧନା·· ଭୟ କର ନାହିଁ···ମୋର ହାତ ବଢ଼ାଇ
ଦେଉଛି··· (ପଛକୁ ନ ଚାହିଁ)

ସାଧନା—ନା, ମୁଁ ପାରୁନାହିଁ । (କଙ୍କାଳର ହସ)
ଏଁ, ଏମାନେ କିଏ···ଏମାନେ···

ସ୍ୱର—ବଙ୍ଗଳାର ପୁରପଲ୍ଲୀରେ ଆମେ ସବୁ କୁଡ଼ କୁଡ଼ ହୋଇ
ମାଟିତଳେ ପୋତିହୋଇ ପଡ଼ିଛୁ । ନୂଆ-ଖାଲର ଘରେ-
ଘରେ ଆମେ ସବୁ ପଡ଼ି ରହିଛୁ । ଆଜି ତୁମେ ଟିକିଏ
ଚାହିଁଦେଖ ସେଦିନ ଉନ୍ନତିର ସେହି ଯାତ୍ରୀ ସମୁଦ୍ର
ଭିତରେ ଯାହାକୁ ଗୁଡ଼ ଆସିଥିଲ ସେହି ତୁମର ବାପା—
ତୁମର ମା—ସାଧନା ! ତୁ ଆମକୁ ଚିହ୍ନି ପାରୁନୁ—ତୁ
ଆମକୁ ଏତେ ଚଞ୍ଚଳ ଭୁଲିଗଲୁ !

ସାଧନା—ମା-ବାପା !! (ଚିତ୍କାର କରି ବେହୋସ୍ ହୋଇ
ତଳେ ପଡ଼ିଯିବା)

Digitized by srujanika@gmail.com

ଉଦୟ—(ପେର—ସ୍ୱାଭାବିକ ଭାବେ ଏ ଦୁର୍ଘଟଣା କଥା ବୁଝିପାରି
ନିଜର ଅଭିନୟ ମଧ୍ୟରୁ ପ୍ରକୃତିସ୍ଥ ହୋଇ)
ସାଧନା—ସାଧନା !

(ସାଧନାକୁ ଠେଲା କରାଇବାକୁ ଚେଷ୍ଟାକର)

ମ୍ୟାନେଜର—ଡ୍ରଇସିଲ୍—ଡ୍ରପ୍—ଦୁର୍ଘଟଣା, ଡ୍ରପ୍, ପାଣି, ପଙ୍ଖା ।

(ମଞ୍ଚ ଆନ୍ତରାଳରୁ ସମସ୍ତେ ଷ୍ଟେଜ୍ ମଧ୍ୟକୁ ପ୍ରବେଶ କରି ବ୍ୟସ୍ତତା ମଧ୍ୟରେ ସାଧନାକୁ ଟେକି ନେବାର ବ୍ୟବସ୍ଥା କରିଛନ୍ତି । ପରଦା ଧୀରେ ଧୀରେ ପଡ଼ି ଆସିଛି ।)

Digitized by srujanika@gmail.com

ଦୃଶ୍ୟାନ୍ତର

□

[ପୂର୍ବର ଗଣ୍ଡଗୋଳ ଚାଲିଥାଏ- ସେକ୍ରେଟାରୀ ଷ୍ଟେଜର ଗୋଟାଏ ଅଂଶରେ ବଡ଼ ବିବ୍ରତ ମନରେ ବୁଲୁଥିବା ସମୟରେ ତାଙ୍କର ମୁହଁରୁ ଶୁଣାଯାଉଥାଏ—]

ସେକ୍ରେଟାରୀ—ଦୁର୍ଘଟଣା ପରେ ଦୁର୍ଘଟଣା—କେତେ ଯେ ଦୁର୍ଘଟଣା ଘେରି ରହିଛି ଆମର ଅନୁଷ୍ଠାନକୁ, ତାର ଶେଷ କେଉଁଠି ଜାଣିବା ମୁସ୍କିଲ । ଉଦୟବାବୁ ପାର୍ଟ ନ ନେବା ହିଁ ଉଚିତ ଥିଲା—ଆମର ଏହି ଷ୍ଟେଜରେ ତାଙ୍କର ଜୀବନ ନାଟକ ଅଭିନୟ କରିବା ତ ଆମ ଉଦ୍ଦେଶ୍ୟ ନ ଥିଲା— ଏବେ ସେ। ହେବ କପରି ? Publicକୁ ମୁଁ କଣ କହିବି—

(ସୂଚନାର ପ୍ରବେଶ)

ସୂଚନା—ଆପଣଙ୍କୁ କିଛି କହିବାକୁ ପଡ଼ିବ ନାହିଁ । ଆପଣ ଆସନ୍ତୁ ପ୍ରଫେସର ଅଫ୍ ମେଡ଼ିସିନ୍ ଡ଼ାକୁଛନ୍ତି—

ସେକ୍ରେଟାରୀ—କଣ ଭଲେଣ୍ଟିଅର୍ ଦରକାର, କାନ୍ଧଆବୋଦାନିବାକୁ—

ସୂଚନା—ଏ ବୟସରେ ଆପଣଙ୍କର ସେଆଡ଼କୁ ମନଟା କାହିଁକି ?

ସେକ୍ରେଟାରୀ—ଅବସ୍ଥା ଯାହା ଆଉ ମନ ତ କେଉଁଆଡ଼େ ଯାଉନାହିଁ ।

Digitized by srujanika@gmail.com

ସୁଚନା—ଅବସ୍ଥା ତ ଖୁବ୍ ଭଲ, ମାନେ ଆଶାତୀତ ଭାବରେ ଭଲ; ସାଧନାଦେବୀ ବର୍ତ୍ତମାନ ତାଙ୍କର Sense ଫେରିପାଇଛନ୍ତି; professor of Medicineଙ୍କ ମତରେ ହୁଏତ ସାଧନାଦେବୀଙ୍କର ପୁରାତନ ରୋଗଟା ଏକାବେଳକେ ଭଲହୋଇ ଯାଇପାରେ—

ସେକ୍ରେଟାରୀ—That's good news ସୂଚନାଦେବୀ!

ସୁଚନା—ସେଥିପାଇଁ ମୁଁ ଆପଣଙ୍କୁ Congratulate କରିବାକୁ ଆସିଥିଲି।

ସେକ୍ରେଟାରୀ—ଦେଖନ୍ତୁ, ଆପଣଙ୍କ ବାପାଙ୍କ ଖିଆଲ ରଖିଛନ୍ତି ତ ?

ସୁଚନା—Yes ସେକ୍ରେଟାରୀବାବୁ! ମୋ ମତ ବିରୁଦ୍ଧରେ ବାପା କେବେ ଯିବେନି।

ସେକ୍ରେଟାରୀ - ଦେଖନ୍ତୁ—ବାରିଷ୍ଟର ଲୋକ, ଶେଷକୁ ଆମ ସୋସାଇଟି ଉପରେ କିଛି ଆଞ୍ଚ ଆସିବ ନାହିଁ ତ—

ସୁଚନା—No-No. ସେଥିପାଇଁ ଆପଣଙ୍କ କମ୍ପାନୀ ମୋଟେ ଦାୟୀ ନୁହେଁ···ଆପଣ ଆସନ୍ତୁ।

ସେକ୍ରେଟାରୀ—ଆଚ୍ଛା ଚାଲନ୍ତୁ—

(ପ୍ରସ୍ଥାନ)

Digitized by srujanika@gmail.com

ଦୃଶ୍ୟାନ୍ତର

□

—ହସ୍‌ପିଟାଲ୍—

[ବେଡ୍ ଉପରେ ଭରାଦେଇ ଶୋଇଛି ସାଧନା ...ତାର ବେଡ୍ ଚାରିପାଖରେ ଅଶୋକ, ଉଦୟ, ସୁଚିତ୍ରା, ସେକ୍ରେଟାରୀ, ମ୍ୟାନେଜର ଓ ଆଶା ଚୁପ୍‌ଚାପ୍ ଠିଆ ହୋଇଛନ୍ତି]

ପ୍ରଫେସର—ଦେଖନ୍ତୁ, ସାଧନା ଦେବୀଙ୍କର ବିଷୟରେ ଆପଣମାନେ ଆଉ ଚିନ୍ତିତ ହେବା ଅନାବଶ୍ୟକ । Detail examination ପରେ ମୁଁ ଯାହା ଅନୁମାନ କରିପାରୁଛି, ତାଙ୍କର ରୋଗଟା ହୁଏତ ସବୁଦିନ ପାଇଁ ଭଲ ହୋଇଗଲା । କାରଣ ରୋଗର ଲକ୍ଷଣ ଅପେକ୍ଷା ରୋଗର ଇତିହାସ ଏ ସ୍ଥଳରେ ମୋତେ ଏଇ ସିଦ୍ଧାନ୍ତରେ ଉପନୀତ ହେବାପାଇଁ ବାଧ୍ୟ କରୁଛି । ଦେଖନ୍ତୁ, ଆପଣମାନେ ମୋତେ ରୋଗର ପ୍ରାରମ୍ଭରୁ ଏ ପର୍ଯ୍ୟନ୍ତ ତାହାର ବିଭିନ୍ନ Stageର ଯେଉଁ ଘଟଣାବଳୀ ଶୁଣାଇଲେ, ସେଥିରୁ ସ୍ପଷ୍ଟରୂପେ ଜଣାଯାଉଛି ଯେ କୌଣସି ଏକ ବୀଭତ୍ସ ଦୃଶ୍ୟ ଦର୍ଶନ କଲାମାତ୍ରେ କିମ୍ବା ତାହାର ବର୍ଣ୍ଣନା ଶୁଣିଲା ମାତ୍ରେ ରୋଗର attack ହେଉଥିଲା । ତାହାର କାରଣ ସ୍ୱରୂପ ମୁଁ କହିପାରେ—ସାଧନା ଯେତେବେଳେ ତାଙ୍କର ବାପା ଓ ମା'ଙ୍କ ସାଙ୍ଗରେ ରେଙ୍ଗୁନ୍ ଯାଇଥିଲେ ଏବଂ ସେଠାରେ ସେ ତାଙ୍କର—

Digitized by srujanika@gmail.com

ଅଶୋକ—ସେ ହସପିଟାଲରେ ପ୍ରଜାପ୍ରଭୃତି କରନ୍ତୁ ନାହିଁ ସାର୍ ।
ମୋର ଆଶଙ୍କା ହୁଏ ପୂର୍ଣ୍ଣିମାରେ ଯଦି···

ପ୍ରଫେସର—ରୋଗର ଆକ୍ରମଣ ହେବ ? ବେଶ୍ ହେଉ, ତାହେଲେ ଆମେ ଜାଣିପାରିବା ଆମର ଡାଏଗୋନେସିସ୍‌ରେ କେଉଁଠାରେ ତ୍ରୁଟି ରହିଗଲା···

ଉଦୟ—Sir, attack ପରେ attack ସହ୍ୟ କରିବାର ଶକ୍ତି ତାର ନାହିଁ ।

ପ୍ରଫେସର—ତୁମ ମୁହଁରେ ଏ କଥା ଶୋଭାପାଉ ନାହିଁ । ଉଦୟ, ତୁମେ ଜଣେ ଡାକ୍ତର । ଅବଶ୍ୟ ମୁଁ ବୁଝିପାରୁଚି ତୁମ ମନର ଉଦ୍‌ବେଗ ତୁମକୁ କେବେ କେବେ ଦୁର୍ବଳ କରି ପକାଉଚି···ତୁମେ ସମସ୍ତେ ଲକ୍ଷ୍ୟକର ସାଧନା କେତେ ସଚେତ···ତୁମେମାନେ ଲକ୍ଷ୍ୟକର ତାର ମନରେ ଭାବରେ କଣ କଣ ପରିବର୍ତ୍ତନ ଘଟୁଛି । ହଁ ଉଦୟ, ସେଦି ପରି ତୁମର ସାଧନା ଦେବୀଙ୍କ ସହିତ ପ୍ରଥମ ସାକ୍ଷାତ···

ଉଦୟ—ହଁ ସାର୍—ସେ ଶ୍ମଶାନପୁରୀରେ, ବାପା ମାଆଙ୍କ ହରାଇ ସାଧନା ଏକପ୍ରକାର ପାଗଳିନୀ । ମାଆଙ୍କର ମୃତଶରୀରଠାରୁ ସେ ଯେପରି ଛାଡ଼ିବାକୁ ପ୍ରସ୍ତୁତ ନଥାଏ—କଟକରୁ ସ୍ୱେଚ୍ଛା-ସେବକ ଦଳ ସାଙ୍ଗରେ ଯାଇଥାଏ ମୁଁ । ଭଗବାନଙ୍କ ବରଦ ସେ ମଡ଼ାକୁଢ଼ ମଧ୍ୟରୁ ପାଇଲି ସାଧନାକୁ—ତାର ଏକା ଜିଦ୍ ସେ ଯିବ ତାର ବାପା, ମା'ଙ୍କ ସାଙ୍ଗରେ; କିନ୍ତୁ ମୋର ହେଲା ତହୁଁ ବଳ ଜିଦ୍ । ନା—ମୁଁ ତୁମକୁ ଫେରାଇ

Digitized by srujanika@gmail.com

ନେବ—ତୁମର ଦାୟିତ୍ୱ ମୁଁ ବହନ କରିବ—ମୋର ଭରସାଗାର ସାଧନା ସେ ବାଟରୁ ଫେରି ଆସିଲା ।

ପ୍ରଫେସର—କିନ୍ତୁ ଯେତେବେଳେ ଦେଖେ ତା'ର ମନର ମଣିଷଟି ଆଖିରୁ ଅନ୍ତର ହୋଇ ଯାଇଛନ୍ତି—ସେତେବେଳେ ତାର ମନେପଡ଼େ ବାପା, ମା'ଙ୍କ କଥା, ପୁଣି ସେହି ପୂର୍ବ ସ୍ମୃତି... ତା'ର ସୁଯୋଗରେ ବାଟପାଏ ଏଇ ରୋଗଟା—ଏଇନା ?

ଅଶୋକ—ଆପଣ ଠିକ୍ କହୁଛନ୍ତି ସାର୍, ମୋର ପ୍ରତ୍ୟେକ ଲେଖାରେ ଦେଖିବେ ସାଧନାର ଜୀବନର ଗୁପ୍ତ ଆଘାତ । ସେ ତାକୁ ପଢି ପଢି ବେଳେବେଳେ ମୂର୍ଚ୍ଛା ହୋଇଯାଏ ।

ପ୍ରଫେସର—ଉଦୟବାବୁଙ୍କଠାରୁ ଶୁଣିଲି ଏଇ ନାଟକଟି ମଧ୍ୟ ଆପଣଙ୍କର । ଯେଉଁ ଦୃଶ୍ୟରେ ଏ ଦୁର୍ଘଟଣା ଘଟିଲା ସେ ଠିକ୍ ଆପଣଙ୍କ ସେ ଉପନ୍ୟାସର ଗୋଟିଏ ଗୁପ୍ତ...

ଅଶୋକ—ହଁ ସାର୍ !

ପ୍ରଫେସର- ସେ ଦୃଶ୍ୟ ଦେଖି ତାର ପୂର୍ବ ସ୍ମୃତି ମନେପଡ଼ିଗଲା । ଏଣେ ମନ ଭିତରେ ଗୋଟିଏ ଦ୍ୱନ୍ଦ୍ୱର ସୃଷ୍ଟି ହୋଇ ରହିଥାଏ ସୁଚିତ୍ରାକୁ କେନ୍ଦ୍ର କରି । ସତରେ ଅବା ସାଧନା ତାହାର ନିଜର ଲୋକଟିକୁ ହରାଇ ବସିବ ? ତାପରେ ସେ ଦୃଶ୍ୟର ସାଦୃଶ୍ୟତା ଦେଖି ତା ମନରେ ଯେଉଁ shock ହେଲା ତାର velocity ଟା ଏକାଥରକେ ଏତେ ବେଶୀ ହେଲା ଯେ ଅଳ୍ପ ସମୟ ମଧ୍ୟରେ ଆମର treatment ର ଗୋଟାଏ full course ହୁଏ ନ applied ହୋଇପାରିଲା । ତେଣୁ ମୋର ସମ୍ପୂର୍ଣ୍ଣ ଭରସା, ପୁନର୍ବାର ଏହି ରୋଗର ଆକ୍ରମଣ ହେବ ନାହିଁ

Digitized by srujanika@gmail.com

ସାଧନା ବର୍ତ୍ତମାନ ସମ୍ପୂର୍ଣ୍ଣ ରୋଗମୁକ୍ତ । ଆପଣ ଦେଖନ୍ତୁ ସେ ସମସ୍ତ ଘଟଣା ସଚେତନ ମନରେ ଶୁଣି ପାରିଲେ—ଯାହାକି ଏହା ପୂର୍ବରୁ କେବେ ଘଟି ନ ଥିଲା ।

ଅଶୋକ—ଆପଣଙ୍କ ନିକଟରେ ମୁଁ ବିଶେଷ ଋଣୀ ପ୍ରଫେସର ସାହେବ ।

ପ୍ରଫେସର—ଆପଣ ଭୁଲ୍ କରୁଛନ୍ତି ଅଶୋକବାବୁ, ଆପଣ ସବୁ ପ୍ରଥମେ ଋଣୀ ଜୟଦେବବାବୁଙ୍କଠାରେ । ତାପରେ ଆପଣ କମ୍ ଋଣୀ ନୁହନ୍ତି ଏହି ଡ୍ରାମାଟିକ ସୋସାଇଟି ନିକଟରେ—

ସେକ୍ରେଟାରୀ—ଆମେ ମଧ୍ୟ ଅଶୋକବାବୁଙ୍କଠାରେ ଋଣୀ ସାର୍—ତାଙ୍କର ନାଟକ ରଚନା ପାଇଁ ।

ପ୍ରଫେସର—Another warning for the future. ସାଧନା ଦେବୀଙ୍କର ରୋଗଟିକୁ ସମୂଳେ ବିନାଶ କରିବାପାଇଁ ଦରକାର ତାଙ୍କ ମନରେ ପୂର୍ଣ୍ଣ ଆଶ୍ୱାସନା ଯେ ଚନ୍ଦ୍ରଲୋକର ଶ୍ମଶାନରୁ ସାଧନା ଯାହାଙ୍କ ଭରସାରେ ଫେରି ଆସିଥିଲେ, ନାଥ ଜୀବନ ରଙ୍ଗମଞ୍ଚ ଉପରକୁ ସେ ଯେପରି ତାଙ୍କର ଜୀବନସାରା ସାଥୀ ହୋଇ ରହିବେ । This is merely a suggesion ! ମୋ ତରଫରୁ ଏ ପ୍ରସ୍ତାବ ମାତ୍ର ଭବିଷ୍ୟତ ପାଇଁ ।

ସେକ୍ରେଟାରୀ—ମୁଁ ତାକୁ ଅନ୍ତରର ସହିତ ଅନୁମୋଦନ କରୁଅଛି ।

ପ୍ରଫେସର—ଦେଖୁଛି ପ୍ରସ୍ତାବଟା ସର୍ବସମ୍ମତିକ୍ରମେ ପାଶ୍ ହୋଇଯିବାରେ କିଛି ଅସୁବିଧା ନାହିଁ—କିନ୍ତୁ କାର୍ଯ୍ୟକାରୀ କରିବାର ଦାୟିତ୍ୱ—

Digitized by srujanika@gmail.com

ସୁଚରିତା—ସେ ଦାମ୍ଭିକ ମୁଁ କଳଙ୍କ ଧାରୁ, କଥାଦିଅ ହୃଦୟବାନ୍
ସାଧନାର ଦୃଷ୍ଟି ଦାମ୍ଭିକ ଆପଣ ନେଲେ—

ସେକ୍ରେଟାରି—ମଙ୍ଗଳଂ ସମ୍ମତ ଲକ୍ଷଣଂ । ଆଜି ବେଶୀ ପଣ୍ଡ
ଲଭନାହିଁ । ପାଞ୍ଚ ପର ଖୋଲିଲେ ଯାଇ ଭନ ସ୍ଥିର ହେବ
କିନ୍ତୁ ବର୍ତ୍ତମାନ କଣ ହେବ ? ଆମର ନାଟକ—

ପ୍ରଫେସର—ଯାଅ, ଦର୍ଶକମାନଙ୍କୁ ଜଣାଇଦିଅ ଆଜ ଏଡିକରେ
ଅଭିନୟ ବନ୍ଦ ।

ମ୍ୟାନେଜର—ଏତିକରେ ସାର୍ ?

ପ୍ରଫେସର—ଏତେବଡ଼ଏ ଘଟଣା ଘଟିଗଲା ପରେ ତୁମେ
ସବୁର ଆଡ଼ୁର କରୁଛ ବାକୀ ଅଛି ? ଡ୍ରପ୍ ପକାଇବାର
ବ୍ୟବସ୍ଥା କରନ୍ତୁ ।

ସେକ୍ରେଟାରି—ବେଶ୍, ମ୍ୟାନେଜରବାବୁ ! ଅଖ୍ୟାତ ଦଳୀୟ
ମଧ୍ୟବିତ୍ତ ପରିବାରର ଝିଅ ସାଧନାକୁ ଲକ୍ଷ୍ୟକରି ଅଶୋକ
ବାବୁଙ୍କର ଏଇ ଯେଉଁ ନାଟକ···ସାଧନାକୁ ତାର ଜୀବନ
ସମୁଦ୍ରର କୂଳରେ ପହଞ୍ଚାଇ ଦେବା ପରେ ଯବନିକା
ଟାଣିବା ଛଡ଼ା ଆଉ କଣ କରାଯାଇ ପାରିବ ? ବେଶ୍,
ହୁଇସିଲ୍ ଦିଅ ।

ମ୍ୟାନେଜର—(ହୁଇସିଲ୍ ବଜାଇ, ମୁହଁରେ ହୁଇସିଲ୍ ଥାଇ)
ଡ୍ରପ୍—ଡ୍ରପ୍···

—ଡ୍ରପ—

Digitized by srujanika@gmail.com